# ଅଧ୍ୟାୟ 6

## ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ଅନୁପାଳନ ସମୀକ୍ଷା

# ଅଧ୍ୟାୟ 6

# ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ଅନୁପାଳନ ସମୀକ୍ଷା ସହିତ ଜିଲ୍ଲା ଭିତ୍ତିକ ସମୀକ୍ଷା

## *6.1 ଉପକ୍ରମ*

### *6.1.1 ଜିଲ୍ଲା ଭିତ୍ତିକ ସମୀକ୍ଷାର ଉଦ୍ଦେଶ୍ୟ*

ସଂସଦରେ (ଡିସେମ୍ବର 1992) ସ୍ୱୟଂ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ 73 ତମ ଏବଂ 74 ତମ ସମ୍ବିଧାନ ସଂଶୋଧନ ଆଇନ ପ୍ରଣୟନ କରାଯାଇଛି । 73 ତମ ସମ୍ବିଧାନ ସଂଶୋଧନରେ ଗ୍ରାମାଞ୍ଚଳ ପାଇଁ "ପଞ୍ଚାୟତ" ଶୀର୍ଷକକୁ ନବମ ଭାଗରେ ସଂଯୋଗ କରାଯାଇଛି ଏବଂ 74 ତମ ସମ୍ବିଧାନ ସଂଶୋଧନରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପାଇଁ "ପୌରପାଳିକା" ଶୀର୍ଷକକୁ ଭାଗ ନବମ (କ) ରେ ସଂଯୋଗ କରାଯାଇଛି ।

ଜିଲ୍ଲା ଭିତ୍ତିକ ସମୀକ୍ଷା (ଡିସିଏ) ରେ ଉଭୟ ପଞ୍ଚାୟତିରାଜ ସଂସ୍ଥା (ପିଆର୍‌ଆଇ) ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ର ସମୀକ୍ଷାକୁ ପରବର୍ତ୍ତୀ ପର୍ଯ୍ୟାୟରେ ଡିସେମ୍ବର 2021 ରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ସମୀକ୍ଷାର ଉଦ୍ଦେଶ୍ୟ ଥିଲା ଯେ (କ) ବିକେନ୍ଦ୍ରୀକୃତ ଶାସନ ଆଧାରରେ ଜିଲ୍ଲାର ଅଭିବୃଦ୍ଧିର ଆକଳନ କରିବା ଏବଂ (ଖ) ସ୍ଥାନୀୟ ସଂସ୍ଥାର ସମୀକ୍ଷାକୁ ସୁଦୃଢ଼ କରିବା ମାଧ୍ୟମରେ ସୁଶାସନକୁ ବୃଦ୍ଧି କରିବା ।

### *6.1.2 ସମୀକ୍ଷାର ପରିସୀମା ଓ ପଦ୍ଧତି*

ଆର୍ଥିକ ବର୍ଷ 2020-21 ରେ ନଅଟି[75] ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଅନୁପାଳନ ସମୀକ୍ଷା ସହିତ ଜିଲ୍ଲା ଭିତ୍ତିକ ସମୀକ୍ଷାର ଫଳାଫଳକୁ ଏହି ଅଧ୍ୟାୟରେ ସାମିଲ୍ କରାଯାଇଛି । ଡିସିଏ ଅଧିନରେ କଟକ[76] ଓ ସମ୍ବଲପୁର[77] ଜିଲ୍ଲାର ତିନୋଟି ଲେଖା ପୌରପାଳିକାର ସେବା ଯୋଗାଣ ଓ ଆର୍ଥିକ ପରିଚାଳନା ସମ୍ପର୍କିତ ପ୍ରାସଙ୍ଗିକ ରେକର୍ଡକୁ ଅନୁଧ୍ୟାନ କରାଯାଇଥିଲା । ଏହା ସହିତ ଦୁଇଟି କେନ୍ଦ୍ର ପ୍ରାୟୋଜିତ ଯୋଜନା ଯଥା ସ୍ୱଚ୍ଛ ଭାରତ ମିଶନ (ସହର) ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହର)କୁ ମଧ୍ୟ ଏଥିରେ ସମ୍ପୃକ୍ତ ଆଇନ୍/ ନିୟନ୍ତ୍ରଣ କିମ୍ବା ଅନ୍ୟ ପ୍ରତିଷ୍ଠିତ ମାନଦଣ୍ଡ ଅନୁସାରେ ଅନୁଧ୍ୟାନ କରାଯାଇ (ଡିସିଏରେ) ସାମିଲ୍ କରାଯାଇଥିଲା ।

## 6.2 ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଆର୍ଥିକ ପରିଚାଳନା

କଟକ ଓ ସମ୍ବଲପୁର ଜିଲ୍ଲାର ସମସ୍ତ ଛଅଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ସମୀକ୍ଷାରୁ ଜଣାଯାଏ ଯେ ଆର୍ଥିକ ବର୍ଷ 2012-13 ରୁ ଇ-ମ୍ୟୁନିସିପାଲିଟି ସଫ୍ଟୱେର[78]ରେ ହିସାବ ପଦ୍ଧତି ଅନ୍ତର୍ଗତ ଡବଲ ଏଣ୍ଟ୍ରି ଆକାଉଣ୍ଟିଂ ମାଧ୍ୟମରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ଆର୍ଥିକ କାରବାରକୁ ରେକର୍ଡ କରାଯାଇଥିଲା । ଏହି ମଡ୍ୟୁଲ ୟୁଏଲ୍‌ବି ଗୁଡ଼ିକର ପ୍ରକୃତ ବାର୍ଷିକ ଆୟ ଏବଂ ବ୍ୟୟ ରିପୋର୍ଟ ପ୍ରସ୍ତୁତ କରିବାରେ ସହାୟକ ଥିଲା । ଉଭୟ ଜିଲ୍ଲାର ସମୀକ୍ଷା ହୋଇଥିବା ପୌରପାଳିକାଗୁଡ଼ିକର ରାଜସ୍ୱ ଉତ୍ସ, ଅନୁଦାନ ଏବଂ ଋଣର ବିବରଣୀ ନିମ୍ନରେ ଦିଆଗଲା:

---

75 ମହାନଗର ନିଗମ: ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ।
ପୌରପାଳିକା: ବୀରମିତ୍ରପୁର, ଜଟଣୀ, ରାଇରଙ୍ଗପୁର, ସୋନପୁର, ସୁନ୍ଦରଗଡ଼ ଏବଂ ତାଳଚେର ।

76 କଟକ ମହାନଗର ନିଗମ, ଚୌଦ୍ୱାର ପୌରପାଳିକାଏବଂ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ।

77 ସମ୍ବଲପୁର ମହାନଗର ନିଗମ, କୁଚିଣ୍ଡା ଏନ୍‌ଏସି ଏବଂ ରେଢାଖୋଲ ଏନ୍‌ଏସି

78 'ଇ-ମ୍ୟୁନିସିପାଲିଟି', ଓଡ଼ିଶା ସରକାରଙ୍କ ଏକ ପ୍ରକଳ୍ପ, ଯାହା ଏକ ବହୁମୁଖୀ ରାଜ୍ୟବ୍ୟାପୀ ପୌରପାଳିକାଗୁଡ଼ିକରେ ସୂଚନା ପ୍ରଯୁକ୍ତି ବିଜ୍ଞାନର ବ୍ୟବହାର, ଯାହାର ଲକ୍ଷ୍ୟ ହେଉଛି ରାଜ୍ୟର ସମସ୍ତ ପୌରପାଳିକାକୁ ଏକକ ୱିଣ୍ଡୋ ଅଧିନରେ କେନ୍ଦ୍ରୀଭୁତ କରିବା । ଏଥିରେ 11 ଟି ମଡ୍ୟୁଲ (ନାଗରିକ ସେବା, ରାଜସ୍ୱ ସଂଗ୍ରହ, ପରିଚାଳନା ସୂଚନା ବ୍ୟବସ୍ଥା ଇତ୍ୟାଦି) ରହିଛି ଏବଂ ଏହା 2012-13 ଆର୍ଥିକ ବର୍ଷରୁ କାର୍ଯ୍ୟ କରୁଛି ।

### 6.2.1 ରାଜସ୍ୱର ଉତ୍ସ

***ସାରଣୀ 6.1: ସମ୍ବଲପୁର ଓ କଟକ ଜିଲ୍ଲାରେ ସମୀକ୍ଷା କରାଯାଇଥିବା ୟୁଏଲ୍‌ବିଗୁଡ଼ିକର ରାଜସ୍ୱ ଉତ୍ସ***

*(ଟଙ୍କା କୋଟିରେ)*

| ଜିଲ୍ଲା | ଆର୍ଥିକ ବର୍ଷ | ଟିକସ ରାଜସ୍ୱ (ହୋଲ୍ଡିଂ ଟ୍ୟାକ୍ସ ଆଣ୍ଡ ପ୍ରଫେସନ ଟ୍ୟାକ୍ସ | ଅଣ ଟିକସ ରାଜସ୍ୱ | ନିର୍ଦ୍ଧାରିତ ରାଜସ୍ୱ | ଅନ୍ୟାନ୍ୟ ରାଜସ୍ୱ | ମୋଟ ରାଜସ୍ୱ |
|---|---|---|---|---|---|---|
| ସମ୍ବଲପୁର | 2018-19 | 4.17 | 1.10 | 32.28 | 2.64 | 40.19 |
| କଟକ | 2018-19 | 16.65 | 5.68 | 62.78 | 10.22 | 95.33 |
| **ମୋଟ** | | **20.82** | **6.78** | **95.06** | **12.86** | **135.52** |
| ସମ୍ବଲପୁର | 2019-20 | 5.47 | 1.45 | 36.61 | 2.56 | 46.09 |
| କଟକ | 2019-20 | 43.03 | 4.40 | 68.14 | 11.60 | 127.17 |
| **ମୋଟ** | | **48.50** | **5.85** | **104.75** | **14.16** | **173.26** |
| ସମ୍ବଲପୁର | 2020-21 | 8.58 | 1.32 | 41.99 | 3.62 | 55.51 |
| କଟକ | 2020-21 | 23.26 | 4.20 | 58.82 | 12.19 | 98.47 |
| **ମୋଟ** | | **31.84** | **5.52** | **100.81** | **15.81** | **153.98** |
| **ସର୍ବମୋଟ** | | **101.16** | **18.15** | **300.62** | **42.83** | **462.76** |

***(ଉତ୍ସ: ପରୀକ୍ଷା ଦ୍ୱାରା ସମୀକ୍ଷା କରାଯାଇଥିବା ୟୁଏଲ୍‌ବି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ଉପରୋକ୍ତ **ସାରଣୀ 6.1** କୁ ଅନୁଧାନ କଲେ ଜଣାଯାଏ ଯେ, ଉଭୟ ଜିଲ୍ଲାର (ଆର୍ଥିକ ବର୍ଷ 2020-21 ରେ କଟକ ଜିଲ୍ଲାକୁ ବାଦ୍ ଦେଇ) ସାମଗ୍ରିକ ରାଜସ୍ୱ ବର୍ଷକୁ ବର୍ଷ ବୃଦ୍ଧି ପାଇଥିଲା । ତେବେ ଅଣ-ଟିକସ ରାଜସ୍ୱ ସଂଗ୍ରହ ବର୍ଷକୁ ବର୍ଷ ହ୍ରାସ ପାଇଥିଲା, ଯାହାର ମୁଖ୍ୟ କାରଣ ଥିଲା ରାଜସ୍ୱ ସଂଗ୍ରହ ଅନୁଧାନରେ ଢିଲାପଣ ।

***ସାରଣୀ 6.2: ସମ୍ବଲପୁର ଓ କଟକ ଜିଲ୍ଲାର ନମୁନା ଯାଞ୍ଚ ୟୁଏଲ୍‌ବିଗୁଡ଼ିକର ରାଜସ୍ୱ ଓ ପୁଞ୍ଜି ଅନୁଦାନ***

*(ଟଙ୍କା କୋଟିରେ)*

| ଜିଲ୍ଲା | ଆର୍ଥିକ ବର୍ଷ | ରାଜସ୍ୱ ଅନୁଦାନ | | | ପୁଞ୍ଜି ଅନୁଦାନ | | | | | ମୋଟ |
|---|---|---|---|---|---|---|---|---|---|---|
| | | ରାଜ୍ୟ ଅର୍ଥ ଆୟୋଗ ଅନୁଦାନ | ଯୋଜନା | ମୋଟ ରାଜସ୍ୱ ଅନୁଦାନ | କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ | ଅନ୍ୟାନ୍ୟ ପୁଞ୍ଜି ଅନୁଦାନ | ଋଣ | ଉପାୟ ଓ ମାଧ୍ୟମ ଅଗ୍ରୀମ[79] | ମୋଟ ପୁଞ୍ଜି ଅନୁଦାନ | |
| ସମ୍ବଲପୁର | 2018-19 | 11.49 | 28.41 | 39.90 | 30.52 | 7.34 | 5.53 | 0.00 | 43.39 | 83.29 |
| କଟକ | 2018-19 | 20.86 | 88.20 | 109.06 | 31.42 | 3.05 | 0.32 | 0.00 | 34.79 | 143.85 |
| **ମୋଟ** | | **32.35** | **116.61** | **148.96** | **61.94** | **10.39** | **5.85** | **0.00** | **78.18** | **227.14** |
| ସମ୍ବଲପୁର | 2019-20 | 11.22 | 36.04 | 47.26 | 53.18 | 6.73 | 7.19 | -0.05 | 67.05 | 114.31 |
| କଟକ | 2019-20 | 21.24 | 112.21 | 133.45 | 42.68 | 29.37 | 0.33 | 0.00 | 72.38 | 205.83 |
| **ମୋଟ** | | **32.46** | **148.25** | **180.71** | **95.86** | **36.10** | **7.52** | **-0.05** | **139.43** | **320.14** |
| ସମ୍ବଲପୁର | 2020-21 | 21.62 | 48.93 | 70.55 | 54.48 | 7.98 | 14.00 | 0.01 | 76.47 | 147.02 |
| କଟକ | 2020-21 | 44.97 | 179.03 | 224.00 | 112.07 | 11.80 | 0.45 | 0.00 | 124.32 | 348.32 |
| **ମୋଟ** | | **66.59** | **227.96** | **294.55** | **166.55** | **19.78** | **14.45** | **0.01** | **200.79** | **495.34** |
| **ସର୍ବମୋଟ** | | **131.40** | **492.82** | **624.22** | **324.35** | **66.27** | **27.82** | **-0.04** | **418.40** | **1,042.62** |

***(ଉତ୍ସ: ୟୁଏଲ୍‌ବିଗୁଡ଼ିକର ବଜେଟ୍)***

[79] ଠିକାଦାରଙ୍କ ଠାରୁ ଆଦାୟ ହୋଇଥିବା ଡିଟିଏସ୍, ସେସ୍ ଓ ରୟାଲ୍ଟି ବାବଦରେ ଦେବାକୁ ଥିବା ଦେୟ ।

ଏହିପରି, 2021 ମାର୍ଚ୍ଚ ସୁଦ୍ଧା ନମୁନା ଯାଞ୍ଚ କରାଯାଇଥିବା ୟୁଏଲ୍‌ବି ଗୁଡ଼ିକରେ 886.74 କୋଟି ଟଙ୍କା ଉପଲବ୍ଧ ଥିବା ସତ୍ତ୍ୱେ (ୟୁଏଲ୍‌ବି ଗୁଡ଼ିକର ପ୍ରକୃତ କ୍ଲୋଜିଂ ବାଲାନ୍ସ ଅନୁଯାୟୀ), ୟୁଏଲ୍‌ବି ଗୁଡ଼ିକ ଗତ ତିନି ଆର୍ଥିକ ବର୍ଷରେ 27.82 କୋଟି ଟଙ୍କା ସେବା ଯୋଗାଣ/ ସମ୍ପତ୍ତି ସୃଷ୍ଟି ପାଇଁ ଋଣ ସଂଗ୍ରହ କରିଥିଲେ ।

### 6.2.2 ଖର୍ଚ୍ଚର ବିବରଣୀ

**ସାରଣୀ 6.3: ଆର୍ଥିକ ବର୍ଷ 2018-19 ରୁ 2020-21 ମଧ୍ୟରେ ସମୀକ୍ଷା କରାଯାଇଥିବା ୟୁ ଏଲ୍‌ବି ଗୁଡ଼ିକର ଖର୍ଚ୍ଚ**

*(ଟଙ୍କା କୋଟିରେ)*

| ସମ୍ବଲପୁର ଏବଂ କଟକ ଜିଲ୍ଲାର ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକର ଖର୍ଚ୍ଚ | | | | | | | | |
|---|---|---|---|---|---|---|---|---|
| ୟୁଏଲ୍‌ବିର ନାମ | ଆର୍ଥିକ ବର୍ଷ | ପ୍ରତିଷ୍ଠାନ ଓ ଦରମା | ପରିଚାଳନା ଓ ରକ୍ଷଣାବେକ୍ଷଣ | ଋଣ ପରିଶୋଧ ଉପରେ ସୁଧ | ଅନ୍ୟାନ୍ୟ | ମୋଟ ଖର୍ଚ୍ଚ (ପୁଞ୍ଜି ଖର୍ଚ୍ଚ ଏବଂ ଋଣ ପରିଶୋଧ ବ୍ୟତୀତ) (3+4+5+6) | ପୁଞ୍ଜି ଖର୍ଚ୍ଚ ଏବଂ ଋଣ ପରିଶୋଧ | ମୋଟ ଖର୍ଚ୍ଚ (7+8) |
| *1* | *2* | *3* | *4* | *5* | *6* | *7* | *8* | *9* |
| ସମ୍ବଲପୁର | 2018-19 | 31.88 | 37.32 | 0.17 | 0.73 | 70.10 | 56.55 | 126.65 |
| କଟକ | 2018-19 | 86.45 | 7.07 | 4.46 | 1.28 | 99.26 | 123.26 | 222.52 |
| ମୋଟ | | **118.33** | **44.39** | **4.63** | **2.01** | **169.36** | **179.81** | **349.17** |
| ସମ୍ବଲପୁର | 2019-20 | 48.98 | 37.66 | 0.58 | 0.61 | 87.83 | 56.58 | 144.41 |
| କଟକ | 2019-20 | 102.59 | 7.32 | 4.53 | 1.67 | 116.11 | 112.34 | 228.45 |
| ମୋଟ | | **151.57** | **44.98** | **5.11** | **2.28** | **203.94** | **168.92** | **372.86** |
| ସମ୍ବଲପୁର | 2020-21 | 72.01 | 57.03 | 1.50 | 0.47 | 131.01 | 72.17 | 203.18 |
| କଟକ | 2020-21 | 107.36 | 10.37 | 5.11 | 11.98 | 134.82 | 146.38 | 281.20 |
| ମୋଟ | | **179.37** | **67.40** | **6.61** | **12.45** | **265.83** | **218.55** | **484.38** |
| ସର୍ବମୋଟ | | **449.27** | **156.77** | **16.35** | **16.74** | **639.13** | **567.28** | **1,206.41** |

***(ଉତ୍ସ: ପରୀକ୍ଷିତ ୟୁ ଏଲ୍‌ବି ଗୁଡ଼ିକର ବଜେଟ୍)***

ସାରଣୀ 6.1 ଏବଂ 6.3 ରୁ ଏହା ସ୍ପଷ୍ଟ ହୋଇଛି ଯେ ପ୍ରତିଷ୍ଠାନ ଏବଂ ଦରମା (449.27 କୋଟି ଟଙ୍କା) ଖର୍ଚ୍ଚ ମୋଟ ରାଜସ୍ୱର 97 ପ୍ରତିଶତ (462.76 କୋଟି ଟଙ୍କା) ।

## 6.3 ୟୁ ଏଲ୍‌ବି ଗୁଡ଼ିକରେ ସଠିକ୍ ଆର୍ଥିକ ନିୟନ୍ତ୍ରଣ ପରିଚାଳନାର ଅନୁପସ୍ଥିତି

ସମୀକ୍ଷା କରାଯାଇଥିବା ୟୁଏଲ୍‌ବି ଗୁଡ଼ିକର କ୍ୟାସ୍ ବୁକ୍ ଏବଂ ଆନୁସଙ୍ଗିକ ନଥିରୁ ନିମ୍ନଲିଖିତ ନିଷ୍କର୍ଷ ଉପଲବ୍ଧ କରାଗଲା:

### 6.3.1 ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟରେ ପାଣ୍ଠି ଜମା ରଖିବା

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ର ବ୍ୟାଙ୍କ ଜମା ବହି ଗୁଡ଼ିକର ଅନୁଧ୍ୟାନରୁ ପ୍ରତୀତ ହୋଇଛି ଯେ, ନଭେମ୍ବର 2021 ସୁଦ୍ଧା, ବିଭିନ୍ନ ଯୋଜନାର ବ୍ୟାଙ୍କ ଆକାଉଣ୍ଟରେ, 2011-12 ଆର୍ଥିକ ବର୍ଷ ଠାରୁ 8.12 କୋଟି ଟଙ୍କା ଖର୍ଚ୍ଚ ନହୋଇ ପଡ଼ିରହିଛି । ଯଦିଓ ସଂପୃକ୍ତ ଯୋଜନାଗୁଡ଼ିକ ମାର୍ଚ୍ଚ 2017 ଠାରୁ ବନ୍ଦ ହୋଇସାରିଛି । ଏହି ଅର୍ଥ ରାଶି ବ୍ୟାଙ୍କ ଆକାଉଣ୍ଟରେ ପଡ଼ି ରହିଛି । ଉଦାହରଣ ସ୍ୱରୂପ, ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଇଣ୍ଟିଗ୍ରେଟେଡ୍ ହାଉସିଂ ଆଣ୍ଡ ସ୍ଲିମ୍ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ (ଏଚ୍‌ଏସ୍‌ଡିପି) ଅଧୀନରେ ଜମା ରଖାଯାଇଥିବା 8.01 କୋଟି ଟଙ୍କା ବନ୍ଦ ହୋଇ ପଡ଼ିରହିଛି (31 ମାର୍ଚ୍ଚ 2017 ଠାରୁ ଆଇଏଚ୍‌ଏସ୍‌ଡିପି ବନ୍ଦ ହୋଇସାରିଛି) ଯାହା ଏକ ଉଲ୍ଲେଖନୀୟ ପରିମାଣ ଅଟେ । ସେହିପରି ରାଜୀବ ଆବାସ ଯୋଜନା ମଇ 2015 ରେ ବନ୍ଦ ହୋଇସାରିଥିବା ସତ୍ତ୍ୱେ, ଏହି ଯୋଜନା ଅନ୍ତର୍ଗତ 11 ଲକ୍ଷ ଟଙ୍କା (ଆର୍‌ଏୱାଇ ଯାଜନା) ଆଇସିଆଇସିଆଇ ବ୍ୟାଙ୍କରେ ପଡ଼ିରହିଥିଲା । ଯୋଜନା ମାର୍ଗଦର୍ଶିକା/ ନିର୍ଦ୍ଦେଶ[80] ପାଳନ ନକରି ଅବ୍ୟବହୃତ ରାଶିକୁ ବିଭାଗକୁ ଫେରସ୍ତ କରିବା ପାଇଁ ସମ୍ବଲପୁର

---

[80] ଗୃହ ଏବଂ ନଗର ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରାଳୟ ଅନ୍ତର୍ଗତ ନ୍ୟାସନାଲ ବିଲ୍ଡିଂ ଅର୍ଗାନାଇଜେସନ୍, ଭାରତ ସରକାରଙ୍କ ଚିଠି ସଂଖ୍ୟା 15011 ତାରିଖ 11.04.2017 ଅନୁଯାୟୀ, ଆଇଏଚ୍‌ଏସ୍‌ଡିପି ଯୋଜନାରେ ଖର୍ଚ୍ଚ ହୋଇନଥିବା ଅର୍ଥ ଫେରସ୍ତ କରାଯିବାର ଥିଲା ।

ମହାନଗର ନିଗମ ଦ୍ୱାରା କୌଣସି ପଦକ୍ଷେପ ନିଆଯାଇ ନଥିଲା । ସେହିଭଳି, କଟକ ଜିଲ୍ଲାରେ ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକରେ ଆର୍ଥିକ ବର୍ଷ 2018-19 ଠାରୁ 39 ଲକ୍ଷ ବ୍ୟାଙ୍କ ଆକାଉଣ୍ଟରେ ପଡ଼ି ରହିଥିଲା । କଟକ ମହାନଗର ନିଗମରେ, ଆଇଏଚ୍‌ଏସ୍‌ଡିପି ଯୋଜନା, ସାଂସଦଙ୍କ ସ୍ଥାନୀୟ କ୍ଷେତ୍ର ବିକାଶ ଯୋଜନା (ଏମ୍‌ପିଏଲ୍‌ଏଡି), ନିଜସ୍ୱ ପାଣ୍ଠି, ରାସ୍ତା ଏବଂ ସେତୁ, ପର୍ଯ୍ୟଟନ ଏବଂ ବାଲିଯାତ୍ରା ପାଣ୍ଠି ଇତ୍ୟାଦି ବ୍ୟାଙ୍କ ଆକାଉଣ୍ଟରେ ଅବ୍ୟବହୃତ ହୋଇ ପଡ଼ିଥିବାର ଦେଖିବାକୁ ମିଳିଥିଲା । ଅଦ୍ୟାବଧି ବ୍ୟାଙ୍କ ଆକାଉଣ୍ଟରେ ଏପରି ପାଣ୍ଠିକୁ ଅବ୍ୟବହୃତ ହୋଇ ରଖିବାର କାରଣ, ଅଡିଟ୍‌କୁ ବୁଝାଯାଇନଥିଲା । ଯେହେତୁ ଯୋଜନା ଗୁଡ଼ିକ ବନ୍ଦ ହୋଇ ସାରିଛି, ଏହି ପାଣ୍ଠି ଉପଯୋଗର ପରିସର ବହୁତ କମ୍ ଅଟେ । ଏହି ନିଷ୍କ୍ରିୟ ଆକାଉଣ୍ଟରେ ଥିବା ପାଣ୍ଠିର ଅପବ୍ୟବହାର ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ।

### *6.3.2 ସମ୍ପତ୍ତି କର/ ହୋଲ୍ଡିଂ ଟ୍ୟାକ୍ସ*

### *6.3.2.1 ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ବସବାସ କରୁଥିବା ପରିବାର ମାନଙ୍କ ଠାରୁ 24.91 କୋଟି ଟଙ୍କାର ହୋଲ୍ଡିଂ ଟ୍ୟାକ୍ସ ଅନାଦେୟ*

ଭାରତର ସମ୍ବିଧାନ ଧାରା 243X ଅନୁସାରେ ରାଜ୍ୟ ବିଧାନସଭାକୁ କ୍ଷମତା ଦିଆଯାଇଛି: (କ) ଏହା ୟୁଏଲ୍‌ବି ମାନଙ୍କୁ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଏବଂ ନିର୍ଦ୍ଦିଷ୍ଟ ସୀମା ଅନୁଯାୟୀ, ବିଭିନ୍ନ ଟିକସ, ଶୁଳ୍କ, ଟୋଲ୍ ଏବଂ ଫି ନିର୍ଦ୍ଧାରଣ, ଆଦାୟ, ସଂଗ୍ରହ କରିବା ପାଇଁ ଅନୁମତି ଦେଇପାରିବେ, (ଖ) ରାଜ୍ୟ ସରକାର ମଧ ପୌରପାଳିକାକୁ ତାଙ୍କ ଦ୍ୱାରା ନିର୍ଦ୍ଧାରିତ ବିଭିନ୍ନ କର, ଶୁଳ୍କ, ଟୋଲ୍ ଏବଂ ଫି କୁ ନିର୍ଦ୍ଦିଷ୍ଟ ସର୍ତ୍ତ ଏବଂ ସୀମା ଅନୁଯାୟୀ ଆଦାୟ ଏବଂ ସଂଗ୍ରହ କରିବା ପାଇଁ ଦାୟିତ୍ୱ ଦେଇପାରିବେ ।

ଓଡ଼ିଶା ମହାନଗର ନିଗମ (ଓଏମ୍‌ସି) ନିୟମ, 2003 ର ଧାରା 192 ଅନୁସାରେ ମହାନଗର ନିଗମ ଅନ୍ତର୍ଗତ ଜମି ଏବଂ କୋଠା ଉପରେ ସମ୍ପତ୍ତି[81] ଟିକସ ଆଦାୟ କରିବାର କ୍ଷମତା ନିଗମର ରହିବ । କଟକ ଏବଂ ସମ୍ବଲପୁର ଜିଲ୍ଲାର, ବର୍ଷ 2018-19 ରୁ 2020-21 ପର୍ଯ୍ୟନ୍ତ, ୟୁଏଲ୍‌ବି ଗୁଡ଼ିକରେ 155 ଟି ୱାର୍ଡର ହୋଲ୍ଡିଂ ଟ୍ୟାକ୍ସ[82] ସମ୍ବନ୍ଧୀୟ ରେକର୍ଡଗୁଡ଼ିକର ଦାବି, ସଂଗ୍ରହ ଏବଂ ବାଲାନ୍ସର (ଡିସିବି) ସମୀକ୍ଷା କରାଯାଇଥିଲା । ସମୀକ୍ଷାରୁ ଜଣାଯାଏ ଯେ ମାର୍ଚ୍ଚ 2021 ସୁଦ୍ଧା ମୋଟ 139.79 କୋଟି ଟଙ୍କାର ଦାବି ଥିଲାବେଳେ, ସଂପୃକ୍ତ ୟୁଏଲ୍‌ବିଗୁଡ଼ିକ ମାତ୍ର 89.21 କୋଟି ଟଙ୍କା ଆଦାୟ କରିଛନ୍ତି (25.67 କୋଟି ଟଙ୍କା ରିହାତି ଦେବା ପରେ), ଏବଂ 24.91 କୋଟି ଟଙ୍କା ଅନାଦାୟ ଅଛି । ବକେୟା ହୋଲ୍ଡିଂ ଟ୍ୟାକ୍ସର ଜିଲ୍ଲାଭିତ୍ତିକ ବିବରଣୀ ସାରଣୀ **6.4** ରେ ଦର୍ଶାଯାଇଛି ।

***ସାରଣୀ 6.4: 2018-19 ରୁ 2020-21 ଆର୍ଥିକ ବର୍ଷର ସମୀକ୍ଷା ହୋଇଥିବା ୟୁ ଏଲ୍‌ବିରେ ବକେୟା ଥିବା ହୋଲ୍ଡିଂ ଟ୍ୟାକ୍ସର ବିବରଣୀ***

*(ଟଙ୍କା କୋଟିରେ)*

| ଜିଲ୍ଲା | ୱାର୍ଡ ସଂଖ୍ୟା | ପରିବାର ସଂଖ୍ୟା | ଦାବୀ | ସଂଗ୍ରହ | ରିହାତି | ଅବଶେଷ |
|---|---|---|---|---|---|---|
| କଟକ | 90 | 1,48,614 | 115.67 | 76.49 | 17.04 | 22.14 |
| ସମ୍ବଲପୁର | 65 | 85,459 | 24.12 | 12.72 | 8.63 | 2.77 |
| **ମୋଟ** | **155** | **2,34,073** | **139.79** | **89.21** | **25.67** | **24.91** |

*(ଉତ୍ସ: ପରୀକ୍ଷିତ ୟୁ ଏଲ୍‌ବି ଗୁଡ଼ିକର ବଜେଟ୍)*

ସମୀକ୍ଷା ହୋଇଥିବା ୟୁଏଲ୍‌ବି ଅଧିନରେ 2,34,073 ପରିବାର (ଏଚ୍‌ଏଚ୍) ଟିକସ ପାଇଁ ନିର୍ଦ୍ଧାରଣ ଯୋଗ୍ୟ ହୋଇଥିଲେ । ତଥାପି, ପ୍ରତ୍ୟେକ ଆର୍ଥିକ ବର୍ଷରେ ଟିକସ ପାଇଁ ନିର୍ଦ୍ଧାରଣ ଯୋଗ୍ୟ/ ପୁନଃନିର୍ଦ୍ଧାରଣ ଯୋଗ୍ୟ ହୋଇଥିବା ପରିବାର ସଂଖ୍ୟା ଅଡିଟ୍ ପାଇଁ ପ୍ରକାଶ କରାଯାଇ ନଥିଲା ।

[81] ପୌରପାଳିକାରେ ଯେକୌଣସି ଜମି କିମ୍ବା କୋଠାର ବାର୍ଷିକ ମୂଲ୍ୟ ଉପରେ ସମ୍ପତ୍ତି ଟିକସ ନିର୍ଣ୍ଣୟ କରାଯାଏ । ଓଡ଼ିଶାର ପୌରାଞ୍ଚଳରେ କୌଣସି ସମ୍ପତ୍ତି ଟିକସ ଆଦାୟ କରାଯାଏ ନାହିଁ ବରଂ କେବଳ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରାଯାଏ ।

[82] ପୌରପାଳିକା ସୀମା ମଧ୍ୟରେ ଥିବା କୋଠାର ବାର୍ଷିକ ମୂଲ୍ୟ ଉପରେ ମୂଲ୍ୟାଙ୍କନ କରାଯାଇ ହୋଲ୍ଡିଂ ଟ୍ୟାକ୍ସ ନିର୍ଦ୍ଧାରଣ କରିବା ।

### 6.3.2.2 ଶିକ୍ଷାଞ୍ଚଳ କ୍ଷେତ୍ର ଏବଂ ସରକାରୀ ଅନୁଷ୍ଠାନଗୁଡ଼ିକରୁ ହୋଲ୍ଡିଂ ଟ୍ୟାକ୍ସ ଅନାଦାୟ

ଓଡ଼ିଶା ୟୁଏଲ୍‌ବି ଅଧିନିୟମ 1950ର ଧାରା 133 ଅନୁଯାୟୀ, ସମ୍ପତ୍ତି, ଟିକସ, ପୌରାଞ୍ଚଳରେ ଥିବା ଜମି କିମ୍ବା କୋଠାର ବାର୍ଷିକ ମୂଲ୍ୟ ଉପରେ ସ୍ଥିରୀକୃତ ହେବ, ଯେପରିକି ରାଜ୍ୟ ସରକାରଙ୍କ ଅଧିନରେ ଥିବା କୌଣସି ଜମି କିମ୍ବା କୋଠା କିମ୍ବା ପୌରପାଳିକା କିମ୍ବା କୌଣସି ନିଗମ କିମ୍ବା ରାଜ୍ୟ ସରକାରୀ ନିଗମ ଅଧିନରେ କିମ୍ବା ପୌରସଂସ୍ଥାର ନିୟନ୍ତ୍ରଣରେ ଥିଲେ ଏହାର ହୋଲ୍‌ଡିଂ ଟ୍ୟାକ୍ସ ପୌରପାଳିକା ଦ୍ୱାରା ଆଦାୟ କରାଯିବ ।

କଟକ ଏବଂ ସମ୍ବଲପୁର ଜିଲ୍ଲାରେ ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକର ରେକର୍ଡରୁ ଜଣାପଡ଼ିଛି ଯେ, ଆର୍ଥିକ ବର୍ଷ 2018-19 ରୁ 2020-21 ମଧ୍ୟରେ ବିଭିନ୍ନ ଶିକ୍ଷ ସଂସ୍ଥା ତଥା ସରକାରୀ ଅନୁଷ୍ଠାନ ଠାରୁ 14.72 କୋଟି ଟଙ୍କା[83] ଧାର୍ଯ୍ୟ ଟିକସ ଅନାଦାୟ ହୋଇପଡ଼ି ରହିଛି, ଯାହା ନିମ୍ନଲେ ଉଲ୍ଲେଖ କରାଯାଇଛି ।

- କଟକ ମହାନଗର ନିଗମ (ସିଏମ୍‌ସି) ର ରେକର୍ଡରୁ ଜଣାପଡ଼ିଛି ଯେ, ମାର୍ଚ୍ଚ 2021 ସୁଦ୍ଧା ସରକାରୀ ଅନୁଷ୍ଠାନଗୁଡ଼ିକୁ 8.97 କୋଟି ଟଙ୍କା ହୋଲ୍ଡିଂ ଟ୍ୟାକ୍ସ ଦେବା ପାଇଁ ଦାବୀ ପତ୍ର ଜାରି କରିଥିଲେ । କିନ୍ତୁ ଏହି ସଂସ୍ଥା ଗୁଡ଼ିକରୁ ହୋଲ୍‌ଡିଂ ଟ୍ୟାକ୍ସ ଆଦାୟ ହୋଇପାରି ନାହିଁ । ଏହା ଆର୍ଥିକ ବର୍ଷ 1980-81 ପରଠାରୁ ଅନାଦାୟ ହୋଇ ପଡ଼ି ରହିଛି । ସମୀକ୍ଷାରୁ ଏହାର ମୁଖ୍ୟ କାରଣ ଜଣାଯାଏ ଯେ, ଛଅଟି ପ୍ରମୁଖ ଅନୁଷ୍ଠାନ[84] ଠାରୁ 6.59 କୋଟି ଟଙ୍କାର ଟ୍ୟାକ୍ସ ଆଦାୟ କରିବା ପାଇଁ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ସ୍ମାରକ ପତ୍ର ଏବଂ ଦାବି ବିଜ୍ଞପ୍ତି ମାଧ୍ୟମରେ କାର୍ଯାନୁଷ୍ଠାନ ନିଆଯାଇନଥିଲା ।

- ଚୌଦ୍ୱାର ପୌରପାଳିକାର ରେକର୍ଡଗୁଡ଼ିକ ଅନୁଧ୍ୟାନରୁ ଜଣାଯାଏ ଯେ ବିଭିନ୍ନ ଶିକ୍ଷ ସଂସ୍ଥା ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକର ଟ୍ୟାକ୍ସ ଧାର୍ଯ୍ୟ ହାରର ପୁନର୍ବିଚାର ପରେ ଆର୍ଥିକ ବର୍ଷ 2015-16 ଠାରୁ ହୋଲ୍ଡିଂ ଟ୍ୟାକ୍ସ ଦେଉନାହାଁନ୍ତି । ଏହି ସଂସ୍ଥାଗୁଡ଼ିକ ଟିକସ ଧାରଣ ହାରର ପୁନଃବିଚାର ବିରୋଧରେ ବିଭିନ୍ନ ଆଇନ୍ ଅଦାଲତରେ ମାମଲା ଦାୟର କରିଥିଲେ ଯାହା ନିମ୍ନରେ ଉଲ୍ଲେଖ କରାଯାଇଅଛି ।

  (କ) ମେସର୍ସ ଓଡ଼ିଶା ଟେକ୍ସଟାଇଲ୍ ମିଲର ହୋଲ୍ଡିଂ ଟ୍ୟାକ୍ସ ସମ୍ବନ୍ଧୀୟ ମାମଲା ଲିକ୍ୱିଡେଟର୍ ମାନ୍ୟବର ଓଡ଼ିଶା ହାଇକୋର୍ଟରେ ବିଚାରାଧୀନ ଅଛି ।

  (ଖ) ଉପସଭାପତି, ଇଣ୍ଡିଆନ୍ ମେଟାଲ୍ ଏବଂ ଫେରୋ ଆଲୋଇସ୍(ଆଇଏମ୍‌ଏଫ୍‌ଏ) ଙ୍କ ମାମଲା ଜୁଲାଇ 2018 ଠାରୁ କଟକ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ (ଡିଏମ୍)ଙ୍କ କୋର୍ଟରେ ବିଚାରାଧୀନ ଥିଲା । ଜିଲ୍ଲାପାଳ ଏବଂ ଡିଏମ୍, କଟକଙ୍କ କୋର୍ଟର ନିର୍ଦ୍ଦେଶ (ଜୁଲାଇ 2018) ଅନୁଯାୟୀ, ଏହି ମାମଲାର ଶୁଣାଣି ପାଇଁ ଆଇଏମ୍‌ଏଫ୍‌ଏକୁ ହୋଲ୍‌ଡିଂ ଟ୍ୟାକ୍ସ ଦାବିର 50 ପ୍ରତିଶତ ଜମା କରିବାକୁ ପଡ଼ିବ । ତଥାପି, ଆଇଏମ୍‌ଏଫ୍‌ଏ 50 ପ୍ରତିଶତ ଜମା କରିନଥିଲେ ଏବଂ ଏହି ମାମଲା ଏବେବି ବିଚାରାଧୀନ ଅଛି ।

  (ଗ) ମେସର୍ସ ବଲାରପୁର ଶିକ୍ଷ ଟିକସ ସଂଗ୍ରହ ଉପରେ ରହିତାଦେଶ ପାଇଁ ମାନ୍ୟବର ହାଇକୋର୍ଟରେ (2016) ଏକ ମାମଲା ଦାୟର କରିଥିଲେ । ମାନ୍ୟବର କୋର୍ଟ, 19 ଡିସେମ୍ବର 2018 ରେ, ସଂପୃକ୍ତ ୟୁଏଲ୍‌ବି ଦ୍ୱାରା ଆଦାୟ କରାଯାଉଥିବା ସମସ୍ତ ପ୍ରକାରର ଟ୍ୟାକ୍ସକୁ ଜମା କରିବା ପାଇଁ ନିର୍ଦ୍ଦେଶ ଦେଇ ଏହି ମାମଲାକୁ ଖାରଜ କରିଥିଲେ । ମାନ୍ୟବର ହୋଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ ନକରି କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ)ଙ୍କ କାର୍ଯ୍ୟ କରିବାର ଢିଲାପଣ ହେତୁ, 13.41 ଲକ୍ଷ ଟଙ୍କା ବକେୟା ଟିକସ ମେସର୍ସ ବଲାରପୁର ଶିକ୍ଷ ଉପରେ (ମାର୍ଚ୍ଚ 2021 ସୁଦ୍ଧା) ରହିଛି ।

[83] 2020-21, ମସିହାରେ, ସରକାରୀ ଅନୁଷ୍ଠାନ/ ଶିକ୍ଷଗୁଡ଼ିକରୁ ହୋଲ୍ଡିଂ ଟ୍ୟାକ୍ସ ବକେୟା ଥିଲା: (i) କଟକ ମହାନଗର ନିଗମ = 8.97 କୋଟି ଟଙ୍କା (ii) ସମ୍ବଲପୁର ମହାନଗର ନିଗମ = 19 ଲକ୍ଷ ଟଙ୍କା (iii) କୁଚିଣ୍ଡା = 6 ଲକ୍ଷ ଟଙ୍କା (iv) ଚୌଦ୍ୱାର = 3.98 କୋଟି ଟଙ୍କା (v) ଆଠଗଡ଼= 1.52 କୋଟି ଟଙ୍କା

[84] (i) ରେଭେନ୍ସା ବିଶ୍ୱବିଦ୍ୟାଳୟ (ii) ଜେକେବିକେ ସରକାରୀ ମହାବିଦ୍ୟାଳୟ (iii) ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ (iv) ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନ୍‌ଫରମେସନ ଟେକ୍ନୋଲୋଜି (v) ନିର୍ଦ୍ଦେଶକ, ଜଳ ଜମି ପରିଚାଳନା ପ୍ରତିଷ୍ଠାନ, କଟକ ଏବଂ (vi) ସିଡିଏ, କଟକ

(ଘ) ମେସର୍ସ ଲିବ୍ରା ରପ୍ତାନି ଲିମିଟେଡ୍ ଏବଂ ଏଆଇ ଚମ୍ପାଡାନି ଶିଳ୍ପ ଲିମିଟେଡ୍ ହୋଲ୍ଡିଂ ଟ୍ୟାକ୍ସ ସମ୍ବନ୍ଧରେ ପ୍ରତିନିଧିତ୍ୱ କରି କହିଥିଲେ ଯେ ଟିକସ ଧାରଣର ସଂଶୋଧିତ ହାର ଲାଗୁ ହେବା ପୂର୍ବରୁ ସେମାନେ ସେମାନଙ୍କର କାର୍ଯ୍ୟକଳାପକୁ ସ୍ଥଗିତ ରଖିଥିଲେ । ସହକାରୀ ଜିଲ୍ଲାପାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ମ୍ୟୁନିସିପାଲିଟି ଇଞ୍ଜିନିୟରଙ୍କୁ ନେଇ ଏକ ଟିମ୍ ପରିସ୍ଥିତିର ଆକଳନ କରିବାକୁ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଏହି ଟିମ୍ ରିପୋର୍ଟ କରିଥିଲେ (ଫେବୃଆରୀ 2020) ଯେ ରେଟ୍ ସଂଶୋଧନ ପୂର୍ବରୁ ଏହି ୟୁନିଟ୍ ଗୁଡ଼ିକର କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିଲା । ଏହିପରି, ଫେବୃଆରୀ 2022 ସୁଦ୍ଧା, ଏହି ୟୁନିଟ୍ ଗୁଡ଼ିକ ଉପରେ ଲାଗୁ ହୋଇଥିବା ହୋଲ୍ଡିଂ ଟ୍ୟାକ୍ସ ବା ଅନ୍ୟ କୌଣସି ନିଷ୍ପତ୍ତି ଏପର୍ଯ୍ୟନ୍ତ ନିଆଯାଇ ନାହିଁ ।

ଉପରୋକ୍ତ ଉଦାହରଣଗୁଡ଼ିକ ସୂଚିତ କରେ ଯେ, ଅନେକ କ୍ଷେତ୍ରରେ, ୟୁଏଲ୍‌ବି ଗୁଡ଼ିକ ବକେୟା ପରିମାଣର ଟିକସ ହାସଲ ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେଇ ନଥିଲେ । .

### *6.3.3 ବାଣିଜ୍ୟ ଲାଇସେନ୍‌ସ ଉପରେ ରାଜସ୍ୱର ସ୍ୱଳ୍ପ ଆଦାୟ*

ଓଡ଼ିଶା ମହାନଗର ନିଗମ ନିୟମ, 2003 ର ଧାରା 123 ଅନୁଯାୟୀ, ପୁନରୁଦ୍ଧାର ଅଧିକାରୀ[85]ମହାନଗର ନିଗମର ସମସ୍ତ ପ୍ରାପ୍ୟ ଆଦାୟ କରିବା ପାଇଁ ଦାୟୀ ରହିବେ । ଏହି ଅଧିକାରୀ ଯେପରିକି ଟିକସ, ଜରିମାନା ଏବଂ ଅନ୍ୟାନ୍ୟ ପ୍ରାପ୍ୟ, ଆଇନ୍ ଏବଂ ନିୟମାବଳୀ ଅନୁଯାୟୀ, ଟିକସ ପରିଶୋଧ କରିବାକୁ ଦାୟୀ ବ୍ୟକ୍ତି/ ଅନୁଷ୍ଠାନରୁ ଆଦାୟ କରିବେ । କଟକ ମହାନଗର ନିଗମ ଏବଂ ସମ୍ବଲପୁର ମହାନଗର ନିଗମ ଏକ ଆୟର ଉତ୍ସ ଭାବରେ ବାଣିଜ୍ୟ ଲାଇସେନ୍ସ ଉପରେ ଶୁଳ୍କ ସଂଗ୍ରହ କରୁଥିଲେ ।

ଉଭୟ ନିଗମର ଆର୍ଥିକ ବର୍ଷ 2020-21 ପାଇଁ ବାଣିଜ୍ୟ ଲାଇସେନ୍ସ ଶୁଳ୍କ ସମ୍ବନ୍ଧୀୟ ଦାବି, ଆଦାୟ ଏବଂ ଅନାଦାୟ (ଡିସିବି) ରେଜିଷ୍ଟରଗୁଡ଼ିକର ପରୀକ୍ଷାରୁ ଜଣାପଡ଼ିଛି ଯେ ଏହି ରେଜିଷ୍ଟରଗୁଡ଼ିକ ସଠିକ୍ ଭାବରେ ରକ୍ଷଣାବେକ୍ଷଣ କରାଯାଇ ନଥିଲା । ବର୍ଷ ଭିତ୍ତିକ ମୂଲ୍ୟାଙ୍କନ ଏବଂ ବାଣିଜ୍ୟ ଲାଇସେନ୍ସ ଶୁଳ୍କ ସଂଗ୍ରହ ସମ୍ବନ୍ଧୀୟ ରେକର୍ଡଗୁଡ଼ିକ ମଧ ରକ୍ଷଣାବେକ୍ଷଣ କରାଯାଇ ନଥିଲା । ଅଧିକନ୍ତୁ, ବାଣିଜ୍ୟ ଲାଇସେନ୍ସ ଶୁଳ୍କ ସଂଗ୍ରହ ପାଇଁ କୌଣସି ଆର୍ଥିକ ବର୍ଷ ଭିତ୍ତିକ ଧାର୍ଯ୍ୟ ଲକ୍ଷ୍ୟ ସ୍ଥିର କରାଯାଇନଥିଲା । ଆର୍ଥିକ ବର୍ଷ ଭିତ୍ତିକ ଦାବି, ଆଦାୟ ଏବଂ ଅନାଦାୟ (ଡିସିବି) ରେଜିଷ୍ଟରଗୁଡ଼ିକର ଅନୁପଯୁକ୍ତ ରକ୍ଷଣାବେକ୍ଷଣ ହେତୁ, ଅଡିଟ୍ 2018-19 ରୁ 2020-21 ଆର୍ଥିକ ବର୍ଷ ପାଇଁ ଦାବି ଏବଂ ସଂଗ୍ରହର ସତ୍ୟତା ନିଶ୍ଚିତ କରିପାରିଲା ନାହିଁ ।

ଅଡିଟ୍‌କୁ ଦିଆଯାଇଥିବା ବାଣିଜ୍ୟ ଲାଇସେନ୍ସ ସମ୍ବନ୍ଧୀୟ ଫାଇଲ୍ ଏବଂ ସୂଚନା ଗୁଡ଼ିକର ପରୀକ୍ଷାରୁ ଜଣାପଡ଼ିଥିଲା ଯେ ମାର୍ଚ୍ଚ 2021 ପର୍ଯ୍ୟନ୍ତ ଉଭୟ ମହାନଗର ନିଗମ 7,151 ଟି ବାଣିଜ୍ୟ ଲାଇସେନ୍ସ ପ୍ରଦାନ କରିଥିଲେ । ଅବଶ୍ୟ, ସେମାନେ ବାଣିଜ୍ୟ ଲାଇସେନ୍ସ ଫି ବାବଦକୁ ମୋଟ 3.34 କୋଟି ଟଙ୍କା ଦାବି କରିଥିବା ବେଳେ କେବଳ 1.21 କୋଟି ଟଙ୍କା ସଂଗ୍ରହ କରିଥିଲେ ଏବଂ 2.13 କୋଟି ଟଙ୍କା ମାର୍ଚ୍ଚ 2021 ସୁଦ୍ଧା ଅନାଦାୟ ଭାବରେ ଦର୍ଶାଇଥିଲେ ।

ସମୀକ୍ଷାରୁ ଏହା ମଧ ସୂଚିତ ହୋଇଥିଲା ଯେ ଯଦିଓ ଉଭୟ ମହାନଗର ନିଗମରେ ପୁନରୁଦ୍ଧାର ଅଧିକାରୀଙ୍କ ଅଧିନରେ ଟିକସ ଏବଂ ଭଡ଼ା ସଂଗ୍ରହ ପାଇଁ ମୋବାଇଲ୍ ସ୍କ୍ୱାର୍ଡ କାର୍ଯ୍ୟ କରୁଥିଲା, ସେଭଳି କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ଯଥା ଦାବି ନୋଟିସ୍ ଜାରି କରିବା ଏବଂ ବ୍ୟବସାୟ ପରିସରକୁ ସିଲ୍ କରିବା ଭଳି କାର୍ଯ୍ୟ ଗ୍ରହଣ କରାଯାଇ ନଥିଲା, ଫଳରେ ମୋଟ ଦାବି ମଧ୍ୟରୁ ମାତ୍ର 36.22 ପ୍ରତିଶତ ସଂଗ୍ରହ କରାଯାଇଥିଲା । ଏହିପରି, ପୁନରୁଦ୍ଧାର ଅଧିକାରୀଙ୍କ ଦ୍ୱାରା ପର୍ଯ୍ୟାପ୍ତ କାର୍ଯ୍ୟର ଅଭାବ, ଏବଂ ୟୁଏଲ୍‌ବି ମାନଙ୍କର ଉପଯୁକ୍ତ ମନିଟରିଂ ଏବଂ ତତ୍ତ୍ୱାବଧାନର ଅଭାବ ହେତୁ (ମାର୍ଚ୍ଚ 2021 ସୁଦ୍ଧା) 2.13 କୋଟି ଟଙ୍କା ରାଜସ୍ୱ ଅନାଦାୟ ହୋଇଥିଲା ।

## *6.4 ସେବା ବିତରଣ*

କଟକ ଏବଂ ସମ୍ବଲପୁର ଜିଲ୍ଲାର 2002/2004 ଏବଂ 2021 ମଧ୍ୟରେ ଗୁଗୁଲ୍ ଦ୍ୱାରା ନିଆଯାଇଥିବା ଚିତ୍ରରେ ଏହି ଦଶନ୍ଧି ମଧ୍ୟରେ ଘଟିଥିବା ଦୁଇ ସହରର ଜନାକୀର୍ଣ୍ଣ ସମସ୍ୟାକୁ ଚିତ୍ର ଦ୍ୱାରା ନିମ୍ନରେ ଦର୍ଶାଯାଇଛି ।

[85] ପୁନରୁଦ୍ଧାର ଅଧିକାରୀ (ରିକଭରି ଅଫିସର) କୌଣସି ବ୍ୟକ୍ତି/ ଅନୁଷ୍ଠାନଠାରୁ ଆଦାୟ ହେବାକୁ ଥିବା ଟିକସ, ଜରିମାନା ଏବଂ ନିଗମର ଅନ୍ୟାନ୍ୟ ଦେୟ ପରି ସମସ୍ତ ଦେୟର ପୁନରୁଦ୍ଧାର ପାଇଁ ଦାୟୀ ଅଟନ୍ତି ।

*ଫଟୋଚିତ୍ର ସଂଖ୍ୟା-6.1*




ଗୁଗୁଲ୍ ଦ୍ୱାରା ନିଆଯାଇଥିବା କଟକର ପ୍ରତିଛବି **2002**




ଗୁଗୁଲ୍ ଦ୍ୱାରା ନିଆଯାଇଥିବା କଟକର ପ୍ରତିଛବି **2021**

*ଫଟୋଚିତ୍ର ସଂଖ୍ୟା-6.2*



ଗୁଗୁଲ୍ ଦ୍ୱାରା **2004** ରେ ନିଆଯାଇଥିବା ସମ୍ବଲପୁରର ପ୍ରତିଛବି **2004**



ଗୁଗୁଲ୍ ଦ୍ୱାରା **2021** ରେ ନିଆଯାଇଥିବା ସମ୍ବଲପୁରର ପ୍ରତିଛବି **2021**

ଅଡିଟ୍ ଦ୍ୱାରା ସମୀକ୍ଷା କରାଯାଇଥିବା ଛଅଟି[86] ୟୁଏଲ୍‌ବିରେ ନିଗରିକମାନଙ୍କୁ କିଭଳି ଭାବରେ ସେବା ପ୍ରଦାନ କରାଯାଉଛି ତାହା ନିମ୍ନରେ ସୂଚିତ କରାଗଲା ।


### *6.4.1 ସ୍ୱରେଜ ବ୍ୟବସ୍ଥା*

***I. କଟକ ମହାନଗର ନିଗମ :*** ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଖଡ଼ଗପୁରଙ୍କ ଦ୍ୱାରା କଟକ ସହର ପାଇଁ ବ୍ୟାପକ ବିକାଶ ଯୋଜନା ପ୍ରସ୍ତୁତ କରାଯାଇଥିଲା ଯାହା, ଅଗଷ୍ଟ 2011 ରେ ଓଡ଼ିଶା ସରକାର କରିଥିଲେ, ଏଥିରେ ଦର୍ଶାଯାଇଥିଲା କି କଟକ ସହରରେ ଘରୋଇ ବର୍ଜ୍ୟବସ୍ତୁ ନିଷ୍କାସନ ସହିତ ବ୍ୟାପକ ସେୱରେଜ୍ ସୁବିଧା ନଥିଲା ଏବଂ ବର୍ଷାଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ଡ୍ରେନ୍ ମାଧ୍ୟମରେ ଏହି ବର୍ଜ୍ୟବସ୍ତୁ ନଦୀ ଆଡ଼ିକୁ ନିଷ୍କାସନ ହେବାର ଦର୍ଶାଯାଇଥିଲା । ଫଳସ୍ୱରୂପ, ମହାନଦୀ ଏବଂ କାଠଯୋଡ଼ି ନଦୀରେ ଜଳର ଗୁଣବତ୍ତା ଏକ ଖରାପ ଧାରା ପ୍ରଦର୍ଶନ କରିଥିଲା ଏବଂ ବହୁ ପରିମାଣର ବର୍ଜ୍ୟଜଳ ଉତ୍ପାଦନ ପାଇଁ ଉପଯୁକ୍ତ ବର୍ଜ୍ୟଜଳ ପରିଚାଳନା ବ୍ୟବସ୍ଥାର ପ୍ରୟୋଗ ଆବଶ୍ୟକ ଥିଲା । ଏକ ବିସ୍ତୃତ ଜଳ ନିଷ୍କାସନ ବ୍ୟବସ୍ଥା ପାଇବା ପାଇଁ, ମହାନଗର ନିଗମ ବାହ୍ୟ ଏଜେନ୍ସୀରୁ ପାଣ୍ଠି ପାଇବା ପାଇଁ ପଦକ୍ଷେପ ଆରମ୍ଭ କରିଥିଲା ଏବଂ 2013 ମସିହାରେ ସେୱରେଜ୍ ନେଟ୍‌ୱାର୍କକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଥିଲା ।

କଟକ ସ୍ଥିତ 424 କିଲୋମିଟର ସେୱରେଜ୍ ନେଟ୍‌ୱାର୍କ ମଧ୍ୟରୁ 362 କିଲୋମିଟର ସେୱରେଜ୍ ନେଟ୍‌ୱାର୍କ ଜାପାନ ଆନ୍ତର୍ଜାତୀୟ ସହଯୋଗ ଏଜେନ୍ସି (ଜେଆଇସିଏ) ଦ୍ୱାରା ଓଡ଼ିଶା ଇଣ୍ଟିଗ୍ରେଟେଡ୍ ସାନିଟେସନ୍ ଉନ୍ନତି ପ୍ରକଳ୍ପ (ଓଆଇଏସ୍‌ଆଇପି)ମାଧ୍ୟମରେ ନିର୍ମାଣ ଚାଲିଛି ।

ଜେଆଇସିଏ ସହାୟକ ପ୍ରକଳ୍ପ ମାଧ୍ୟମରେ ନିଆଯାଇଥିବା ସେୱରେଜ୍ ନିର୍ମାଣ କାର୍ଯ୍ୟଗୁଡ଼ିକର ଏକ ରୂପରେଖ ନିମ୍ନରେ ଦର୍ଶାଯାଇଛି:

***ଫଟୋଚିତ୍ର ସଂଖ୍ୟା-6.3***




86 (i) କଟକ ମହାନଗର ନିଗମ (ii) ସମ୍ବଲପୁର ମହାନଗର ନିଗମ (iii) ଚୌଦ୍ୱାର ପୌରାଞ୍ଚଳ (iv) କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) (v) ରେଢାଖୋଲ ଏନ୍‌ଏସି ଏବଂ (vi) ଆଠଗଡ଼, ଏନ୍‌ଏସି

ଏହି ପ୍ରକଳ୍ପ (କଟକ ସ୍ୱରେଜ୍ ସ୍କିମ୍) ମେସର୍ସ ଏଲ୍ ଆଣ୍ଡ ଟି ଲିମିଟେଡ୍‌କୁ ପ୍ରକଳ୍ପ ମୂଲ୍ୟ 899.85 କୋଟି ଟଙ୍କା 18 ଫେବୃଆରୀ 2013 ଠାରୁ କାର୍ଯ୍ୟ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା ଏବଂ ଏହା 31 ଡିସେମ୍ବର 2021 ସୁଦ୍ଧା ଶେଷ ହେବାର ଥିଲା । ସେହିପରି, ମେସର୍ସ ଭିଏ ଟେକ୍ ୱାବାଗ୍ କୁ ପ୍ରକଳ୍ପ ମୂଲ୍ୟ 274.10 କୋଟି ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ ଦୁଇଟି ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) (30 ଏମ୍‌ଏଲ୍‌ଡି + 16 ଏମ୍‌ଏଲ୍‌ଡି) ଏବଂ 36 ଟି ପମ୍ପିଂ ଷ୍ଟେସନର ନିର୍ଣାଣ ସହିତ ଉଭୟ କଟକ ଏବଂ ଭୁବନେଶ୍ୱର ପାଇଁ 380 କିଲୋମିଟର ସ୍ୱେରେଜ୍ ଲାଇନ୍ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା ଯାହା ମାର୍ଚ୍ଚ 2023 ସୁଦ୍ଧା ସମାପ୍ତ ହେବାକୁ ଥିଲା ।

ମାର୍ଚ୍ଚ 2022 ସୁଦ୍ଧା (i) ପ୍ରସ୍ତାବିତ ସମୁଦାୟ 362 କିଲୋମିଟର ସ୍ୱେରେଜ୍ ଲାଇନ୍ ମଧ୍ୟରୁ 338 କିଲୋମିଟର ସ୍ୱେରେଜ୍ ଲାଇନ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି, ଯେଉଁଥିପାଇଁ ପ୍ରକଳ୍ପ ମୂଲ୍ୟରେ 111.66 କୋଟି ଟଙ୍କା ବୃଦ୍ଧି ସହିତ 1,011.51 କୋଟି ଟଙ୍କା ପ୍ରଦାନ କରାଯାଇଛି ଏବଂ (ii) ଏସ୍‌ଟିପି ଏବଂ ଏହାକୁ କାର୍ଯ୍ୟକ୍ଷମ (କମିଶନିଂ) କରିବା ପାଇଁ ଆନୁସଙ୍ଗିକ ଖର୍ଚ୍ଚ ବାବଦରେ 257.14 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ଏହି କାର୍ଯ୍ୟଗୁଡ଼ିକ ଅସମ୍ପୂର୍ଣ୍ଣ ରହିବାରୁ ସମୟ ଏବଂ ମୂଲ୍ୟ ଅତ୍ୟଧିକ ହେବା ସହିତ ସହରୀ ଜନସାଧାରଣଙ୍କୁ ସେବା ବିତରଣ କରାଯାଇପାରିଲା ନାହିଁ, ଯାହା ନିମ୍ନରେ ଉଲ୍ଲେଖ କରାଯାଇଛି:

- କଟକ ସହରର ବିସ୍ତାରିତ ଅଞ୍ଚଳରେ ଅପ୍ରତ୍ୟାଶିତ ଅଭିବୃଦ୍ଧି ଏବଂ କାର୍ଯ୍ୟ ପରିସରର ପରିବର୍ତ୍ତନ (ଡିସେମ୍ବର 2011) ହେତୁ, ସହରର 12 ଟି ଜୋନକୁ ଆଚ୍ଛାଦନ କରୁଥିବା 24 କିଲୋମିଟର ସ୍ୱେରେଜ୍ ଲାଇନ୍ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ (ଯାହା ପୂର୍ବ ସ୍କେଚରେ ଦର୍ଶାଯାଇଛି) । ଯେପରିକି (କ) ସ୍ୱେରେଜ୍ ଲାଇନଗୁଡ଼ିକର ଲମ୍ବ 241 କିଲୋମିଟରରୁ (ପ୍ରାରମ୍ଭିକ ପ୍ରସ୍ତାବରେ) 380 କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି ଏବଂ (ଖ) ପମ୍ପିଂ ଷ୍ଟେସନ ସଂଖ୍ୟାରେ 42 ରୁ 56 ପର୍ଯ୍ୟନ୍ତ ବୃଦ୍ଧି ଘଟିଥିଲା ।
- 20 ଟି ମନୁଷ୍ୟ ଦ୍ୱାରା ପରିଚାଳିତ ପମ୍ପିଂ ଷ୍ଟେସନ ମଧ୍ୟରୁ 11 ଟି ସମ୍ପୂର୍ଣ୍ଣ ହୋଇସାରିଥିଲା ଏବଂ ନଅଟି କାର୍ଯ୍ୟ ଚାଲିଥିଲା ।
- ଚାରିଟି ଲିଫ୍ଟ ଷ୍ଟେସନ୍[87] ମଧ୍ୟରୁ ଦୁଇଟିର କାର୍ଯ୍ୟ ଏପର୍ଯ୍ୟନ୍ତ ଚାଲିଥିଲା ।
- କଟକର ପଶ୍ଚିମ ଭାଗରେ ଥିବା ନୂତନ ବିଡ଼ାନାସି ଏବଂ ଚାନ୍ଦିନିଚୌକ ଅଞ୍ଚଳରେ କେବଳ ଦୁଇଟି ଜୋନରେ ସ୍ୱେରେଜ୍ ଲାଇନ୍ (14 ଜୋନ ବଦଳରେ) ପ୍ରାୟ 10,000 ଘରକୁ ଅନ୍ତର୍ଭୁକ୍ତ କରି (55,0000 ଘର ମଧ୍ୟରୁ ଯାହା କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ) କାର୍ଯ୍ୟକ୍ଷମ (କମିଶନ) କରାଯାଇଥିଲା ।


***II. ସମ୍ବଲପୁର ମହାନଗର ନିଗମ*:** ସମ୍ବଲପୁର ସହରରେ କୌଣସି ସ୍ୱେରେଜ୍ ସୁବିଧା ନାହିଁ । ବର୍ଜ୍ୟ ଜଳ ଏବଂ ସ୍ୱେରେଜ ବର୍ଜ୍ୟବସ୍ତୁ ଦୁଇଟି ପ୍ରାକୃତିକ ଡ୍ରେନ୍ (ନାଳ) ଯଥା, (କ) ଧୋବି ଜୋର ନାଳ ଏବଂ (ଖ) ହର୍ଦନ ଜୋର ନାଳ ଦ୍ୱାରା ପ୍ରଭାବିତ ହୋଇ ଶେଷରେ ବିନାଖଣ୍ଡି ଠାରେ ମହାନଦୀରେ ପ୍ରବାହିତ ହେଉଥିଲା ।

***ସମ୍ବଲପୁର ମହାନଗର ନିଗମ*** ଏକ ବିସ୍ତୃତ ସ୍ୱେରେଜ୍ ସିଷ୍ଟମ୍ ସ୍ଥାପନ (2016) କରିବା ପାଇଁ ସମ୍ବଲପୁର ଟାଉନର ସ୍ୱେରେଜ୍ ନିର୍ମାଣ କାର୍ଯ୍ୟ ଘରପୁର ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍ (ପି) ଲିମିଟେଡ୍ ପୁନେ ସହିତ (ଜାନୁଆରୀ 2017) ଏକ ଇଞ୍ଜିନିୟରିଂ କ୍ରୟ ଏବଂ ନିର୍ମାଣ (ଇପିସି) ମାଧ୍ୟମରେ କାର୍ଯ୍ୟ କରିବା ପାଇଁ ଚୁକ୍ତିନାମା କରିଥିଲେ । ଏହି ଚୁକ୍ତିନାମାର ମୂଲ୍ୟ 294.93 କୋଟି ଟଙ୍କା (ନିର୍ମାଣ ମୂଲ୍ୟ) ଥିଲା ଏବଂ ଏହା ଜାନୁଆରୀ 2020 ସୁଦ୍ଧା ସମାପ୍ତ ହେବାକୁ ଥିଲା । ଏହି କାର୍ଯ୍ୟର ପରିସରରେ (କ) 252.73 କିଲୋମିଟର ସ୍ୱେରେଜ୍ ଲାଇନ୍ ସ୍ଥାପନ (ଖ) ଆଠଟି ସ୍ୱେରେଜ୍ ପମ୍ପିଂ ଷ୍ଟେସନ୍ ନିର୍ମାଣ ଏବଂ (ଗ) ଗୋଟିଏ ଏସ୍‌ଟିପି ନିର୍ମାଣ ଅନ୍ତର୍ଭୁକ୍ତ ଥିଲା । ଅଡିଟ୍ ସମୀକ୍ଷାରୁ ଜଣାଯାଏ ଯେ, ପ୍ରସ୍ତାବିତ ସ୍ୱେରେଜ୍ ଲାଇନ୍ ଗୁଡ଼ିକର ମୋଟ ଦୈର୍ଘ୍ୟ ମଧ୍ୟରୁ 252.73 କିଲୋମିଟର, 91.35 କିଲୋମିଟର ସ୍ୱେରେଜ୍ ଲାଇନ୍ ସମାପ୍ତ ହୋଇଛି ଏବଂ

[87] ଏକ ଲିଫ୍ଟ ଷ୍ଟେସନ ହେଉଛି ଏକ ପମ୍ପିଂ ଷ୍ଟେସନ ଯାହା ବର୍ଜ୍ୟଜଳକୁ ନିମ୍ନ ଉଚ୍ଚତାରୁ ଉଚ୍ଚ ଉଚ୍ଚତାକୁ ନେଇଥାଏ

123.35 କୋଟି ଟଙ୍କା ଦେୟ ପ୍ରଦାନ କରାଯାଇଛି । ସମ୍ବଲପୁର ସହରର ସ୍ୱେରେଜ୍ ନେଟ୍‌ୱାର୍କର ଏକ ସ୍କେଚ୍ ନିମ୍ନରେ ଦିଆଯାଇଛି:

***ଫଟୋଚିତ୍ର ସଂଖ୍ୟା-6.4***



ଏହି ପରିପ୍ରେକ୍ଷୀରେ, ଅଡିଟ୍ ନିମ୍ନଲିଖିତ ସ୍ଥିତିକୁ ଜାଣିବାକୁ ପାଇଛି (ଡିସେମ୍ବର 2021 ସୁଦ୍ଧା):

- ଠିକାଦାର, ଚୁକ୍ତି ଅନୁସାରେ 252.73 କିଲୋମିଟର ଲମ୍ବ ପାଇପ୍‌ଲାଇନ୍ ପକାଇବାର ଥିଲା, କିନ୍ତୁ ଖନନ କାର୍ଯ୍ୟ କରିବା ସମୟରେ କଠିନ ପଥରର ସମ୍ମୁଖୀନ ହେତୁ ଠିକାଦାର (ନଭେମ୍ବର 2021) ଏହି ପରିପ୍ରେକ୍ଷୀରେ ମୂଲ୍ୟ ବ୍ରେକ୍ ଅପ୍ ଦାଖଲ କରିଥିଲେ । ଯେଉଁ କାରଣରୁ କାର୍ଯ୍ୟର ଅଗ୍ରଗତି ବିଳମ୍ବ ହୋଇଥିଲା । ତେଣୁ, ମୁଖ୍ୟ ଯନ୍ତ୍ରୀ ଓଡ଼ିଶା ଜଳଯୋଗାଣ ଏବଂ ସ୍ୱେରେଜ୍ ବୋର୍ଡଙ୍କ ଦ୍ୱାରା ମାର୍ଚ୍ଚ 2023 କୁ କାର୍ଯ୍ୟ ସରିବାର ସଂଶୋଧନ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ସମ୍ବଲପୁର ସହରର ଆଠଟି ସ୍ୱେରେଜ୍ କ୍ୟାଚ୍‌ମେଣ୍ଟରେ 161.376 କିଲୋମିଟରର ମାଧାକର୍ଷଣ ସ୍ୱେୟେର ଲାଇନ୍[88]ଉପର ସ୍କେଚ୍‌ରେ ଦର୍ଶାଯାଇଛି । ଆବଶ୍ୟକ ବ୍ୟକ୍ତିଗତ ଜମି ଅଧିଗ୍ରହଣ ଏବଂ ସ୍ୱେରେଜ୍ ଲାଇନ୍‌ର ପୁନଃ ନିର୍ମାଣ ପରି କାର୍ଯ୍ୟର ପରିସର ପରିବର୍ତ୍ତନ ହେତୁ ସଂପୂର୍ଣ୍ଣ ହୋଇପାରିଲା ନାହିଁ ।
- ଆଠଟି ମଧ୍ୟବର୍ତ୍ତୀ ପମ୍ପିଂ ଷ୍ଟେସନ (ଆଇପିଏସ୍) ମଧ୍ୟରୁ କେବଳ ଗୋଟିଏ (ଅକ୍ଟୋବର 2022 ସୁଦ୍ଧା) ସମ୍ପୂର୍ଣ୍ଣ ହୋଇସାରିଥିଲା । ସ୍ୱରେଜେ ଲାଇନ୍ ଗୁଡ଼ିକ ସମ୍ପୂର୍ଣ୍ଣ ହୋଇନଥିବାରୁ ପମ୍ପିଂ ଷ୍ଟେସନ ଗୁଡ଼ିକରେ ପ୍ରବାହ ଗ୍ରହଣ କରାଯାଇ ନାହିଁ ଯାହା ସେମାନଙ୍କର କାର୍ଯ୍ୟକ୍ଷମ (କମିଶନିଂ) ହେବାର ସକ୍ଷମ ହୋଇନାହିଁ । ପ୍ରସ୍ତାବିତ 40 ଏମ୍ଏଲ୍‌ଡି କ୍ଷମତା ବିଶିଷ୍ଟ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଏବଂ ଧନୁପାଲିରେ ଥିବା ମୁଖ୍ୟ ପମ୍ପିଂ ଷ୍ଟେସନ୍ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇନାହିଁ ଯାହା ୟୁଏଲ୍‌ବି ଦ୍ୱାରା ଏହି କାର୍ଯ୍ୟଗୁଡ଼ିକର ତଦାରଖର ଅଭାବ ଦର୍ଶାଉଛି ।
- ବିଭିନ୍ନ ସ୍ଥାନରେ କଠିନ ଗ୍ରାନାଇଟ୍ ପଥର ହେତୁ ମ୍ୟାନ୍ ହୋଲ୍ ନିର୍ମାଣର ଅଗ୍ରଗତି ଏବଂ ଟ୍ରଙ୍କ ମୁଖ୍ୟ[89]ନିର୍ମାଣର ଅଗ୍ରଗତିରେ ବାଧାପ୍ରାପ୍ତ ହୋଇଥିଲା । ସେହି ଅନୁଯାୟୀ, 14,018 ମ୍ୟାନହୋଲ୍ ଚାମ୍ବର ମଧ୍ୟରୁ କେବଳ 4,277 ନିର୍ମାଣ କରାଯାଇଥିଲା (ମାର୍ଚ୍ଚ 2022) ଯାହା ମୁଖ୍ୟ ଟ୍ରଙ୍କର ଆଲାଇନ୍ ମେଣ୍ଟରେ ତ୍ରୁଟିପୂର୍ଣ୍ଣ ସର୍ବେକ୍ଷଣ ଏବଂ ଅନୁସନ୍ଧାନକୁ ସୂଚାଇଥିଲା ।
- ଏସ୍ଏମ୍‌ସି ଦ୍ୱାରା ତିନୋଟି ସେସ୍‌ପୁଲ୍ ଗାଡ଼ି ମାଧ୍ୟମରେ ପରିବାରରୁ ସଂଗୃହିତ ମଇଳା ଏକ ଘରୋଇ ସଂସ୍ଥା ମାଧ୍ୟମରେ ଖଣ୍ଡୁଆଳ ଠାରେ ଥିବା ଫେକାଲ୍ ସ୍ଲେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏଫ୍ଏସ୍‌ଟିପି) ରେ ନିର୍ଗତ କରାଯାଉଥିଲା । ସମୀକ୍ଷାରୁ ଜଣାପଡ଼ିଛି ଯେ, ମହାନଗର ନିଗମ ଅଞ୍ଚଳରେ ଥିବା ସର୍ବସାଧାରଣ ସୌଚାଳୟରୁ ନିର୍ଗତ ହେଉଥିବା ମଇଳା ସହିତ ଦୂଷିତ ଜଳ ନିଷ୍କାସିତ ହୋଇ ସିଧାସଳଖ ଖୋଲା ଡ୍ରେନରେ ନିର୍ଗତ ହେଉଛି, ଯାହାଫଳରେ ମହାନଦୀର ଜଳ ପ୍ରଦୂଷଣକୁ ବଢ଼ାଇଦେଇଛି ।
- କୁଚିଣ୍ଡା ଏବଂ ରେଢାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ମାନଙ୍କରେ କୌଣସି ଭୂତଳ ଜଳ ନିଷ୍କାସନ ବ୍ୟବସ୍ଥା ନଥିଲା । ଯେହେତୁ ଏନ୍ଏସି ସ୍ତରରେ ଏଫ୍ଏସ୍‌ଟିପି ଗୁଡ଼ିକର ନିର୍ମାଣ ଚାଲିଥିଲା । ଉକ୍ତ ଏନ୍ଏସି ଗୁଡ଼ିକ ସେସ୍‌ପୁଲ୍ ଯାନ ମାଧ୍ୟମରେ ସ୍ୱେରେଜ୍ ସଂଗ୍ରହ କରୁଥିଲେ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଏହାକୁ ନିଷ୍କାସନ କରୁଥିଲେ । ତେଣୁ, ଏହି ପୌରପାଳିକା ଗୁଡ଼ିକରେ ରହୁଥିବା ବ୍ୟକ୍ତିମାନେ ସ୍ୱେରେଜ୍ ସୁବିଧା ପାଇପାରିଲେ ନାହିଁ ।

***ସୁପାରିଶ:***

***1. ଉଭୟ ୟୁଏଲ୍‌ବିରେ ନିର୍ଦ୍ଦିଷ୍ଟ ସମୟ ସୀମା ଅନୁଯାୟୀ ସ୍ୱେରେଜ୍ ସିଷ୍ଟମକୁ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ ଅଟେ ।***

### 6.4.2 *ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଖାଦ୍ୟ ସୁରକ୍ଷା ପରିଚାଳନା ବ୍ୟବସ୍ଥା*

ଓଡ଼ିଶା ମହାନଗର ନିଗମ ନିୟମର ଧାରା 576 ଅନୁଯାୟୀ, ନିଗମ ଅଞ୍ଚଳରେ ଅପମିଶ୍ରିତ ହୋଇନଥିବା ଖାଦ୍ୟ କ୍ରୟ/ ବିକ୍ରୟର ସୁନିଶ୍ଚିତ କରିବାର ଦାୟିତ୍ୱ ମହାନଗର ନିଗମର ରହିଛି । ଖାଦ୍ୟ ନିରାପତ୍ତା ଏବଂ ମାନକ (ଏଫ୍ଏସ୍ଏସ୍) ଅଧିନିୟମ, 2006 ରେ ଧାର୍ଯ୍ୟ କରାଯାଇଛି ଯେ, (କ) ଧାରା 31 ଅନୁଯାୟୀ, ଯେକୌଣସି ଖାଦ୍ୟ ବ୍ୟବସାୟ ଆରମ୍ଭ କିମ୍ବା କରିବାକୁ ଚାହୁଁଥିବା ବ୍ୟକ୍ତି ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଲାଇସେନ୍ସ ପ୍ରାପ୍ତି ପାଇଁ ଏକ

---

[88] ଅବାଞ୍ଛିତ ଜଳକୁ ହଟାଇବା ପାଇଁ ଉଚ୍ଚତାର ପାର୍ଥକ୍ୟରୁ ଶକ୍ତି ବ୍ୟବହାର କରୁଥିବା ଏକ ଚ୍ୟାନେଲ୍ ।

[89] 'ଟ୍ରଙ୍କ୍ ମେନ୍' ଜଳ ଉତ୍ସରୁ ସାଧାରଣତଃ ଏକ ସେବା ଜଳ ଭଣ୍ଡାରକୁ ବହୁଳ ଭାବରେ ଜଳ ପରିବହନକୁ ବୁଝାଏ ।

ଆବେଦନ କରିବା ଆବଶ୍ୟକ ଅଛି ଏବଂ (ଖ) ଧାରା 37 ଅନୁଯାୟୀ ଖାଦ୍ୟ ନିରାପତ୍ତା କମିଶନରଙ୍କ[90] ଦ୍ୱାରା ଖାଦ୍ୟ ନିରାପତ୍ତା ଅଧିକାରୀ (ଏଫ୍‌ଏସ୍‌ଓ) ନିଯୁକ୍ତ କରିବା ଆବଶ୍ୟକ, ଯିଏକି ତଦାରଖ, ଖାଦ୍ୟର ନମୁନା ସଂଗ୍ରହ, ଖାଦ୍ୟ ଯାଞ୍ଚ ଏବଂ ଜବତ୍ ଇତ୍ୟାଦି କରିପାରିବେ।

ପୁନଃ ଏଫ୍‌ଏସ୍‌ଏସ୍ ନିୟମ 2011 ର ଅନୁଚ୍ଛେଦ 2.1.3 (4) ଅନୁଯାୟୀ ଖାଦ୍ୟ ନିରାପତ୍ତା ଅଧିକାରୀମାନେ ନିଜ ଅଧିନରେ ଥିବା ସମସ୍ତ ଖାଦ୍ୟ ବ୍ୟବସାୟ ପରିଚାଳକ (ଏଫ୍‌ବିଓ) ମାନଙ୍କର ଡାଟାବେସ୍ ରଖିବା ଆବଶ୍ୟକ । ଏଫ୍‌ଏସ୍‌ଏସ୍ ଅଧିନିୟମ, 2006 ର ଧାରା 32 ଅନୁଯାୟୀ, ଯେଉଁ ଖାଦ୍ୟ ବ୍ୟବସାୟୀ ପରିଚାଳକ ନିୟମାବଳୀ ପାଳନ କରିବାରେ ବିଫଳ ହୁଅନ୍ତି, ସେମାନଙ୍କୁ ଖାଦ୍ୟ ବ୍ୟବସାୟର ସଠିକତା ପାଇଁ ଉନ୍ନତି ନୋଟିସ୍[91] ପ୍ରଦାନ କରାଯିବ।

ଏହି ପରିପ୍ରେକ୍ଷୀରେ, ଅଡିଟ୍ ନିମ୍ନଲିଖିତ ଅନିୟମିତତାଗୁଡ଼ିକୁ ଉଲ୍ଲେଖ କରିଛି:

(i) ସିଏମ୍‌ସି ଏବଂ ଏସ୍‌ଏମ୍‌ସି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଖାଦ୍ୟ ବ୍ୟବସାୟ ପରିଚାଳକ (ଏଫ୍‌ବିଓ) ମାନଙ୍କର କୌଣସି ଡାଟାବେସ୍ ରଖାଯାଇ ନଥିଲା । ମାର୍ଚ୍ଚ 2021 ସୁଦ୍ଧା ଉଭୟ ନିଗମ କ୍ଷେତ୍ରରେ (କ) 1,670 (1,028+642) ଏଫ୍‌ବିଓଙ୍କ ସପକ୍ଷରେ ଲାଇସେନ୍ସ ପ୍ରଦାନ କରାଯାଇଥିଲା, ଯେଉଁମାନେ ନିଜେ ଲାଇସେନ୍ସ ପ୍ରଦାନ ପାଇଁ ଆବେଦନ କରିଥିଲେ ଏବଂ (ଖ) ବିଭିନ୍ନ ରାସ୍ତା କଡ଼ ବିକ୍ରେତା/ ଛୋଟ ଦୋକାନ ମାଲିକଙ୍କୁ 3,439 (2,052+1387) ପଞ୍ଜୀକରଣ ପ୍ରମାଣପତ୍ର ଦିଆଯାଇଥିଲା । ତଥାପି ଡାଟାବେସ୍‌ର ଅଭାବ ହେତୁ, ଲାଇସେନ୍ସ ବିନା ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟ କରୁଥିବା ଏଫ୍‌ବିଓ/ ରାସ୍ତାକଡ଼ ବିକ୍ରେତା/ ଛୋଟ ଦୋକାନ ମାଲିକଙ୍କ ସଂଖ୍ୟା ବିଷୟରେ ସେମାନଙ୍କର କୌଣସି ସୂଚନା ନଥିଲା ।

(ii) କମିଶନର ଖାଦ୍ୟ ସୁରକ୍ଷାଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ, 2018-19, 2019-20 ଏବଂ 2020-21ଆର୍ଥିକ ବର୍ଷ ପାଇଁ ସିଏମ୍‌ସି ଏବଂ ଏସ୍‌ଏମ୍‌ସିରେ ଯଥାକ୍ରମେ ମାସକୁ 15, 10 ଏବଂ 7 ଟି ତଦାରଖ[92] ନମୁନା ଏବଂ 4, 4 ଏବଂ 5 ଟି ଆଇନଗତ ନମୁନା ସଂଗ୍ରହ କରିବାକୁ ପଡ଼ିବ, ଯାହା ନିମ୍ନ ***ସାରଣୀ 6.5*** ରେ ସବିଶେଷ ତଥ୍ୟ ଦର୍ଶାଯାଇଛି ।

***ସାରଣୀ 6.5: ସବିଶେଷ ସଂଗୃହିତ ଖାଦ୍ୟ ନମୁନା ଗୁଡ଼ିକର ତଥ୍ୟ, ଏବଂ ଏହା ସହିତ ପରୀକ୍ଷିତ ନମୁନା***

| ୟୁଏଲ୍‌ବି | ଆଇନଗତ ନମୁନା ପାଇଁ ଧାର୍ଯ୍ୟ ଲକ୍ଷ୍ୟ | ବିଶ୍ଳେଷଣ ପାଇଁ ପଠାଯାଇଥିବା ଆଇନଗତ ନମୁନା | ଆଇନଗତ ନମୁନା ସମ୍ବନ୍ଧରେ ଗ୍ରହଣ କରାଯାଇଥିବା ରିପୋର୍ଟ | ଆଇନଗତ ନମୁନାଗୁଡ଼ିକ ମଧ୍ୟରୁ ଯୋଗ୍ୟ ନମୁନା | ନିରୀକ୍ଷଣ ନମୁନା ପାଇଁ ଧାର୍ଯ୍ୟ ଲକ୍ଷ୍ୟ | ବିଶ୍ଳେଷଣ ପାଇଁ ପଠାଯାଇଥିବା ନୀରିକ୍ଷଣ ନମୁନା | ନୀରିକ୍ଷଣ ନମୁନା ମଧ୍ୟରୁ ଗ୍ରହଣ କରାଯାଇଥିବା ରିପୋର୍ଟ | ନୀରିକ୍ଷଣ ନମୁନା ମଧ୍ୟରୁ ଯୋଗ୍ୟତା ଅର୍ଜନ କରିଛି |
|---|---|---|---|---|---|---|---|---|
| *1* | *2* | *3* | *4* | *5* | *6* | *7* | *8* | *9* |
| ସିଏମ୍‌ସି | **156** | 42 | 42 | 31 | 384 | 364 | 364 | 284 |
| ଏସ୍‌ଏମ୍‌ସି | **156** | 57 | 57 | 38 | 384 | 154 | 104 | 75 |
| ମୋଟ | **312** | **99** | **99** | **69** | **768** | **518** | **468** | **359** |

***ଯାହା ବ୍ୟବହାର ପାଇଁ ଯୋଗ୍ୟ ଅଟେ (ଆର୍ଥିକ ବର୍ଷ 2018-19 ରୁ 2020-21)***

*(ଉତ୍ସ: ସିଏମ୍‌ସି ଏବଂ ଏସ୍‌ଏମ୍‌ସି ଠାରୁ ମିଳିଥିବା ସୂଚନା)*

ଏହିପରି, ଆର୍ଥିକ ବର୍ଷ 2018-19 ରୁ 2020-21ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ପ୍ରତ୍ୟେକ ୟୁଏଲ୍‌ବି ଆବଶ୍ୟକ ଥିବା 156 ଟି ଆଇନଗତ ନମୁନା ସଂଗୃହିତ କରିବା କଥା, କିନ୍ତୁ ସିଏମ୍‌ସି 42 ଟି ନମୁନା (ଆଇନଗତ ନମୁନା ସଂଗ୍ରହରେ 114 ଟିର ଅଭାବ ଦର୍ଶାଇ) ସଂଗ୍ରହ କରି ବିଶ୍ଳେଷଣ ପାଇଁ ପଠାଇଥିଲେ ଏବଂ ଏସ୍‌ଏମ୍‌ସି 57 ଟି ନମୁନା ସଂଗ୍ରହ କରି (ଆଇନଗତ ନମୁନା ସଂଗ୍ରହରେ 99 ଟିର ଅଭାବକୁ ଦର୍ଶାଇ) ବିଶ୍ଳେଷଣ ପାଇଁ ପଠାଇଥିଲେ ।

---

90 ଖାଦ୍ୟ ସୁରକ୍ଷା କମିଶନର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ (ଯିଏକି ୟୁଏଲବି ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀ (ଏଫ୍‌ଏସ୍‌ଓ) ନିଯୁକ୍ତ କରନ୍ତି ) ଅଧିନରେ କାର୍ଯ୍ୟ କରନ୍ତି ।

91 ଖାଦ୍ୟ ସୁରକ୍ଷା ଏବଂ ମାନକ ଅଧିନିୟମ 2006 ଅନୁଯାୟୀ ଯେକୌଣସି ପ୍ରତିଷ୍ଠାନର ତଦାରଖ ସମୟରେ ଦେଖାଯାଇଥିବା ତ୍ରୁଟିଗୁଡ଼ିକ ଉପରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ ।

92 'ସର୍ଭିଲାନ୍ସ ନମୁନା' ହେଉଛି ଏକ ନମୁନା ଯାହାକି ସର୍ବେକ୍ଷଣ, ସର୍ଭେ କିମ୍ବା ଅଧ୍ୟୟନ ଉଦ୍ଦେଶ୍ୟରେ ନିଆଯାଇଛି, ଯାହା କୋର୍ଟରେ ବ୍ୟବହାର କରାଯାଇପାରିବ ନାହିଁ ।

ଆହୁରି ମଧ୍ୟ, ଉଭୟ ନଗର ନିଗମ ଦ୍ୱାରା ବିଶ୍ଳେଷଣ ପାଇଁ ରାଜ୍ୟ ଜନସ୍ୱାସ୍ଥ୍ୟ ଲାବୋରୋଟୋରୀ (ଏସ୍‌ପିଏଚ୍‌ଏଲ୍) ଭୁବନେଶ୍ୱରଙ୍କୁ, 768 ଟି (ପ୍ରତ୍ୟେକ 384 ଟି) ନିରୀକ୍ଷଣ ନମୁନା ପଠାଇବାର ଆବଶ୍ୟକ ଥିବା ବେଳେ ସେମାନେ 518 ଟି ନିରୀକ୍ଷଣ ନମୁନା ପଠାଇଥିଲେ । ଏହି ପଠାଇଥିବା 518 ନିରୀକ୍ଷଣ ନମୁନା ମଧ୍ୟରୁ, 468 ରିପୋର୍ଟର ବିଶ୍ଳେଷଣ ହସ୍ତଗତ ହୋଇଥିଲା । ଏହି 468 ଟି ରିପୋର୍ଟର ବିଶ୍ଳେଷଣରୁ ଜଣାପଡ଼ିଛି ଯେ, 359 ନମୁନା ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରିଥିବା ବେଳେ 109 ନମୁନା ନିର୍ଦ୍ଦିଷ୍ଟ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଥିଲା । ଅଡିଟ୍ ତଥାପି ଜାଣିବାକୁ ପାଇଲା ଯେ ଏଫ୍‌ଏସ୍‌ଏସ୍, ଆକ୍ଟ, 2006 ର ଧାରା 32 ଅନୁଯାୟୀ ନିୟମ ପାଳନ କରିବାରେ ବିଫଳ ହୋଇଥିବା ଏଫ୍‌ବିଓ ମାନଙ୍କର ସୁଧାର ଆଣିବା ପାଇଁ କୌଣସି ନୋଟିସ୍ ଜାରି କରାଯାଇନାହିଁ ।

(iii) ସମୀକ୍ଷା ହୋଇଥିବା ଅନ୍ୟ ୟୁଏଲ୍‌ବି ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ଗୁଡ଼ିକରେ କୌଣସି ଖାଦ୍ୟ ନିରାପତ୍ତା ଅଧିକାରୀ ନିଯୁକ୍ତ କରାଯାଇନଥିଲା ।

***ସୁପାରିଶ:***

***2. ଖାଦ୍ୟ ଉପରେ ଖାଦ୍ୟ ଗୁଣବତ୍ତାର ତଦାରଖ ପାଇଁ ୟୁଏଲ୍‌ବି ରେ ପର୍ଯ୍ୟାପ୍ତ ସଂଖ୍ୟକ ଖାଦ୍ୟ ନିରାପତ୍ତା ଅଧିକାରୀ ନିଯୁକ୍ତ କରିବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ଦରକାର ।***

### *6.4.3 ସହରର ରାସ୍ତା ନିର୍ମାଣ, ବିକାଶ ଏବଂ ରକ୍ଷଣାବେକ୍ଷଣ*

ଓଡ଼ିଶା ମହାନଗର ନିଗମ ଅଧିନିୟମ, 2003 ରେ ସହରାଞ୍ଚଳ ପୌରସଂସ୍ଥା (ୟୁଏଲ୍‌ବି) ମାନଙ୍କୁ ନିଜ ଅଧିନରେ ଥିବା ସଡ଼କ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ କ୍ଷମତା ପ୍ରଦାନ କରାଯାଇଛି । ସଡ଼କ ନିର୍ମାଣ, ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ ସାଧାରଣ ପାଉଥିବା ସଡ଼କ ବିକାଶ ଅନୁଦାନ ବ୍ୟବହାର କରିବା ସହିତ କେନ୍ଦ୍ରୀୟ ଏବଂ ରାଜ୍ୟ ଅର୍ଥ ଆୟୋଗଙ୍କ ଦ୍ୱାରା ଉପଲବ୍ଧ ପାଣ୍ଠି ବ୍ୟବହାର କରନ୍ତି ।

ମାର୍ଚ୍ଚ 2021 ସୁଦ୍ଧା, କଟକ ଜିଲ୍ଲାର ତିନିଟି ସମୀକ୍ଷା ହୋଇଥିବା ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ସଡ଼କ ଏବଂ ଡ୍ରେନର ମୋଟ ଲମ୍ବ ଯଥାକ୍ରମେ 1,074.57 କିଲୋମିଟର ଏବଂ 1,773.64 କିଲୋମିଟର ଥିଲା । ସେହିଭଳି, ସମାନ ସମୟ ମଧ୍ୟରେ ସମ୍ବଲପୁର ଜିଲ୍ଲାର ତିନୋଟି ଯାକ ସମୀକ୍ଷା ହୋଇଥିବା ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ସଡ଼କ ଏବଂ ଡ୍ରେନର ସମୁଦାୟ ଲମ୍ବ ଯଥାକ୍ରମେ, 1277.39 କିଲୋମିଟର ଏବଂ 652.54 କିଲୋମିଟର ଥିଲା । ବର୍ଷ 2018-19 ରୁ 2020-21 ମଧ୍ୟରେ ସମୀକ୍ଷା ହୋଇଥିବା ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଦ୍ୱାରା ପରିଚାଳିତ ସଡ଼କ ଏବଂ ଡ୍ରେନଗୁଡ଼ିକର ସବିଶେଷ ବିବରଣୀ ସାରଣୀ **6.6** ରେ ଦର୍ଶାଯାଇଛି ।

***ସାରଣୀ 6.6: ପରୀକ୍ଷିତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ବର୍ଷ 2018-19 ରୁ 2020-21) ଦ୍ୱାରା ନିର୍ମିତ ଏବଂ ରକ୍ଷଣାବେକ୍ଷଣ କରାଯାଉଥିବା ସଡ଼କ ଏବଂ ଡ୍ରେନ ଗୁଡ଼ିକର ପ୍ରକାର***

(*କିଲୋମିଟରରେ*)

| ଜିଲ୍ଲାର ବଛାଯାଇଥିବା ୟୁଏଲ୍‌ବି | ରାସ୍ତାର ପ୍ରକାର | | | | | | | ଡ୍ରେନ୍ | | |
|---|---|---|---|---|---|---|---|---|---|---|
| | ସିମେଣ୍ଟ କଂକ୍ରିଟ୍ ରାସ୍ତା[93] | ବ୍ଲାକ୍ ଟପ୍[94] ରାସ୍ତା | ଡବ୍ଲୁବିଏମ୍ ରାସ୍ତା[95] | ମୋରମ ରାସ୍ତା[96] | ମାଟି ରାସ୍ତା[97] | ମୋଟ | ପକା ରାସ୍ତା ପାଇଁ ରାସ୍ତା ଉନ୍ନତିକରଣ | ପକ୍କା ଡ୍ରେନ | କଚ୍ଚା ଡ୍ରେନ୍ | ମୋଟ ଲମ୍ବ |
| କଟକ | 909.3520 | 14.4830 | 75.750 | 22.517 | 52.47 | 1,074.572 | 74.987 | 742.214 | 1,031.426 | 1,773.64 |
| ସମ୍ବଲପୁର | 594.9640 | 157.7200 | 294.836 | 128.410 | 101.46 | 1,277.390 | 229.870 | 345.040 | 307.500 | 652.54 |
| ମୋଟ | **1,504.3160** | **172.2030** | **370.586** | **150.927** | **153.93** | **2,351.962** | **304.857** | **1,087.254** | **1,338.926** | **2,426.18** |

*(ଉତ୍ସ: ୟୁଏଲ୍‌ବି ଗୁଡ଼ିକରୁ ମିଳିଥିବା ତଥ୍ୟ)*

93 ସିମେଣ୍ଟ କଂକ୍ରିଟ୍ ରାସ୍ତା

94 'ବ୍ଲାକ୍ ଟପ୍ ରାସ୍ତା' ଏକ ବିଟୁମିନସ୍ ପକ୍କା ରାସ୍ତା

95 'ୱାଟର ବାଉଣ୍ଡ ମାକାଡାମ୍' ରାସ୍ତା କଞ୍ଚା ସାମଗ୍ରୀ' ଯେପରିକି କ୍ରସ୍ଡ ଏଗ୍ରିଗେଟ୍, ସ୍କ୍ରିନିଂ ଏବଂ ବାଇଣ୍ଡିଂ ସାମଗ୍ରୀ

96 'ମୋରମ ରୋଡ୍' ହେଉଛି ଏକ ରାସ୍ତା ଯାହାକି ମାଟି, ବାଲି ଏବଂ କଂକଣର ମିଶ୍ରଣ ସହିତ ନିର୍ମିତ

97 ମାଟିକୁ ସୂକ୍ଷ୍ମ କଂକଣ ସହିତ ମିଶ୍ରଣ କରି ଏକ 'ମାଟି ରାସ୍ତା' ନିର୍ମାଣ କରାଯାଇଛି ।

### *(i) ପକ୍କା[98] ରାସ୍ତା ନିର୍ମାଣ ନହେବା*

ଜାଗା ମିଶନ[99] ର ଷ୍ଟାଣ୍ଡାର୍ଡ ଅପ୍ରେଟିଂ ପ୍ରଣାଳୀ ଅନୁଯାୟୀ ବସ୍ତି ଉନ୍ନତିକରଣ ଏବଂ ଡିଲିଷ୍ଟିଂ କରିବା ପାଇଁ ୟୁଏଲ୍‌ବିରେ ବସ୍ତି ବାସିନ୍ଦାଙ୍କ ପାଇଁ ପକ୍କା ସଡ଼କ ଯୋଗାଇବା ଏକ ବାଧତାମୂଳକ କାର୍ଯ୍ୟ[100] ଥିଲା । ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକରେ ଆର୍ଥିକ ବର୍ଷ 2018-19 ରୁ 2020-21 ମଧ୍ୟରେ, ମୋଟ ସଡ଼କ ଲମ୍ବ 2,351.962 କିମି ମଧ୍ୟରୁ 370.586 କିମି ଡବ୍ଲୁବିଏମ୍ ରାସ୍ତା, 150.927 କିମି ମୋରମ୍ ରାସ୍ତା ଏବଂ 153.93 କିମି ମାଟି ରାସ୍ତା ଥିଲା । ଏହା ମଧ୍ୟ ସୂଚିତ ହୁଏ ଯେ ସଡ଼କ ଭିତ୍ତିଭୂମି ସୃଷ୍ଟି ପାଇଁ ବିଭିନ୍ନ ଯୋଜନା ଅଧିନରେ ଅର୍ଥ ଉପଲବ୍ଧ ଥିବା ସତ୍ତ୍ୱେ 304.857 କିଲୋମିଟର ମାଟି ରାସ୍ତା/ ମୋରମ୍ ରାସ୍ତା, ପକ୍କା ରାସ୍ତାରେ ନବୀକରଣ ନକରି ରହିଥିଲା ।

### *(ii) ଯୋଜନା ବିନା କାର୍ଯ୍ୟଗୁଡ଼ିକ ରୂପଦେବା*

ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକର ଚୁକ୍ତିନାମା ପଞ୍ଜୀକରଣ ଯାଞ୍ଚରୁ ଜଣାପଡ଼ିଛି ଯେ, ବର୍ଷ 2018-19 ରୁ 2020-21 ମଧ୍ୟରେ କଟକ ମହାନଗର ନିଗମ, ଚୌଦ୍ୱାର ୟୁଏଲ୍‌ବି ଏବଂ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଯଥାକ୍ରମେ ସଡ଼କ ଏବଂ ଡ୍ରେନ୍ କାର୍ଯ୍ୟ ପାଇଁ 1,143, 118 ଏବଂ 152 ଟି ଚୁକ୍ତିନାମା କାର୍ଯ୍ୟକାରୀ କରିଥିଲେ । ସେହିଭଳି, ଜନସାଧାରଣଙ୍କ ସୁବିଧା ପାଇଁ ସମ୍ବଲପୁର ମହାନଗର ନିଗମ, କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ଯଥାକ୍ରମେ ସିମେଣ୍ଟ କଂକ୍ରିଟ୍ ରାସ୍ତା ଏବଂ ଡ୍ରେନ୍ କାର୍ଯ୍ୟର ଉନ୍ନତି ପାଇଁ 481, 112 ଏବଂ 164ଟି ଚୁକ୍ତିନାମା କାର୍ଯ୍ୟକାରୀ କରିଥିଲେ । ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକରୁ ଜଣାଯାଏ ଯେ ବର୍ଷ 2018-19 ରୁ 2020-21 ମଧ୍ୟରେ, 111.07 କୋଟି ଟଙ୍କା (କଟକ: 76.39 କୋଟି ଟଙ୍କା + ସମ୍ବଲପୁର:34.68 କୋଟି ଟଙ୍କା)ଖର୍ଚ୍ଚ କରାଯାଉଥିଲା । ସେହିଭଳି, ସ୍କିମ୍ ପାଣ୍ଠି ସହିତ 473.93 କୋଟି ଟଙ୍କା (କଟକ: 261.13 କୋଟି ଟଙ୍କା+ସମ୍ବଲପୁର: 212.80 କୋଟି ଟଙ୍କା)ଯାହା ମାର୍ଚ୍ଚ 2021 ସୁଦ୍ଧା, ସଡ଼କ ଉନ୍ନତି ପାଇଁ ବ୍ୟବହୃତ ହୋଇପାରି ଥାନ୍ତା ତାହା ଖର୍ଚ୍ଚ ହୋଇପାରି ନଥିଲା । କର୍ପୋରେସନ ସ୍ତରରେ ଇଣ୍ଟିଗ୍ରେଟେଡ୍ କର୍ପୋରେସନ୍ ଡେଭଲପ୍‌ମେଣ୍ଟ ପ୍ଲାନ୍ (ଆଇଆଇସିଡିପି) ଏବଂ ଏନ୍‌ଏସି/ ମ୍ୟୁନିସିପାଲିଟି ସ୍ତରରେ ଜିଲ୍ଲା ଯୋଜନା କମିଟି (ଡିପିସି) ର ଅନୁପସ୍ଥିତି ଯୋଗୁଁ ଏହା ଘଟିଥିଲା । ଯଦିଓ ଏଗୁଡ଼ିକ ଭାରତର ସମ୍ବିଧାନର ଧାରା 243 ZD ଏବଂ ଓଡ଼ିଶା ଓଏମ୍‌ସି ନିୟମ, 2003ର ଧାରା 499 ଅନୁଯାୟୀ ଧାର୍ଯ୍ୟ କରାଯାଇଥିଲା ।

***ସୁପାରିଶ:***

***3. ବିଭିନ୍ନ ଯୋଜନାର ଉପଲବ୍ଧ ପାଣ୍ଠିକୁ ବ୍ୟବହାର କରି ୟୁଏଲ୍‌ବି ଗୁଡ଼ିକରେ ଥିବା ମାଟି/ ମୋରମ୍ ରାସ୍ତାର ନବୀକରଣ କରି ପକ୍କା ରାସ୍ତାରେ ପରିଣତ କରିବା ପାଇଁ ରଣନୀତି ପ୍ରସ୍ତୁତ କରିବା ଉଚିତ୍ ।***

### *ଯୋଜନାର କାର୍ଯ୍ୟକାରିତା*

### *6.5 ସ୍ୱଚ୍ଛ ଭାରତ ମିଶନ*

ସ୍ୱଚ୍ଛ ଭାରତ ମିଶନ (ଏସ୍‌ବିଏମ୍) ଦେଶର 4,041 ସହର ଏବଂ ନଗରକୁ ଅନ୍ତର୍ଭୁକ୍ତ କରି 2 ଅକ୍ଟୋବର 2014 ରେ ଆରମ୍ଭ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ଯେ ଅକ୍ଟୋବର 2019 ସୁଦ୍ଧା ଖୋଲା ମଳତ୍ୟାଗ (ଓଡି)ର ବିଲୋପ କରିବା, କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ଇତ୍ୟାଦିର ସୁପାରିଚାଳନ କରି ପରିମଳ ସୁବିଧା ଉପଲବ୍ଧ କରାଇବା ଯଥା-ସୌଚାଳୟ, ଗ୍ରାମ୍ୟ ପରିମଳ ସୁବିଧା ଓ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳର ସୁବିଧା

---

98 'ପକ୍କା' ରାସ୍ତା ହେଉଛି ଏକ ବିଟୁମିନାସ୍ ସ୍ତର / କଂକ୍ରିଟ୍

99 ଜାଗା ମିଶନ ହେଉଛି ଓଡ଼ିଶା ସରକାରଙ୍କର ଏକ ଯୋଜନା ଯାହା ଜମି ଅଧିକାରର ମିଶ୍ରଣ ଏବଂ ବସ୍ତି ଉନ୍ନତିର ଏକ ବିସ୍ତୃତ ପ୍ରକ୍ରିୟା ମାଧ୍ୟମରେ ବସ୍ତିକୁ ଜୀବନ୍ତ ବାସସ୍ଥାନରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି । ଏହି ଯୋଜନା ଅଧିନରେ ବସ୍ତିବାସିନ୍ଦାଙ୍କୁ ଆବଶ୍ୟକ ଶାରୀରିକ ଭିତ୍ତିଭୂମି ଯୋଗାଇଦିଆଯିବ ଯେପରିକି ପାଇପ୍ ଜଳ ଯୋଗାଣ, ପକ୍କା ରୋଡ଼, ଷ୍ଟ୍ରୀଟ୍ ଲାଇଟ୍ ପରିମଳ ଇତ୍ୟାଦି ।

100 'ବାଧତାମୂଳକ କାର୍ଯ୍ୟ' ଗୁଡ଼ିକ ହେଉଛି କାର୍ଯ୍ୟ ଗୁଡ଼ିକ ଯାହା ନିଗମ ଦ୍ୱାରା ବାଧତାମୂଳକ ଭାବରେ କାର୍ଯ୍ୟକାରୀ ହେବ ।

ଯୋଗାଇଦେବା । ଜାତୀୟ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ପରିବେଶ ସ୍ୱଚ୍ଛତା ସହିତ ବ୍ୟକ୍ତିଗତ ଘରୋଇ ଶୌଚାଳୟ(ଆଇଏଚ୍ଏଚ୍ଏଲ୍) ନିର୍ମାଣ ଏବଂ ବ୍ୟବହାରକୁ ସୁନିଶ୍ଚିତ କରି 2019 ସୁଦ୍ଧା ରାଜ୍ୟକୁ ଖୋଲା ମଳତ୍ୟାଗ ମୁକ୍ତ (ଓଡିଏଫ୍) କରିବାକୁ ପଦକ୍ଷେପ ନେଇଛନ୍ତି ।

### *6.5.1 ସମୀକ୍ଷା ହୋଇଥିବା ୟୁଏଲ୍‌ବିରେ ଆଇଏଚ୍ଏଚ୍ଏଲ୍‌ର ସ୍ଥିତି*

ସ୍ୱଚ୍ଛ ଭାରତ ମିଶନ (ସହରୀ) ମାର୍ଗଦର୍ଶିକାର ଅନୁଚ୍ଛେଦ 4.1 ଏବଂ 4.2 ଅନୁଯାୟୀ, ମିଶନର ଉଦ୍ଦେଶ୍ୟ ଏହା ଥିଲା ଯେ (କ) କୌଣସି ପରିବାର ବାହ୍ୟ ମଳତ୍ୟାଗ (ଓଡି) ଅଭ୍ୟାସରେ ନିୟୋଜିତ ହେବେ ନାହିଁ, (ଖ) ମିଶନ ସମୟରେ କୌଣସି ନୂତନ ଅପରିମଳ ଶୌଚାଳୟ ନିର୍ମାଣ କରାଯିବ ନାହିଁ, (ଗ) ପିଟ୍ ଶୌଚାଳୟକୁ ସାନିଟାରୀ ଶୌଚାଳୟରେ ପରିଣତ ହେବ (ଘ) ଘରୋଇ ଶୌଚାଳୟ, ଏସ୍‌ଇଏମ୍ ଅଧୀନରେ ନିର୍ମିତ, ଏକ ସୁପର ଷ୍ଟ୍ରକ୍‌ଚର (ଯାହା ପ୍ୟାଚ୍ ଏବଂ ୱାଟର ଟ୍ୟାଙ୍କ ଅନ୍ତର୍ଭୁକ୍ତ କରି) ଏବଂ ଏକ ସବ୍‌ଷ୍ଟ୍ରକ୍‌ଚର (ଏକ ଅନ୍ତର୍ନିହିତ ସ୍ୱରେଜ୍ ବ୍ୟବସ୍ଥା କିମ୍ବା ବିଦ୍ୟମାନ ଥିବା ସ୍ୱରେଜ୍ ବ୍ୟବସ୍ଥା ସହିତ ସଂଯୋଗ କରିବା) ରେ ନିର୍ମାଣ କରିବାକୁ ହେବ ।

ଆର୍ଥିକ ବର୍ଷ 2015-16 ରୁ 2020-21 ମଧ୍ୟରେ ଦୁଇଟି ସମୀକ୍ଷା ହୋଇଥିବା ଜିଲ୍ଲାରେ ନିର୍ମିତ ଘରୋଇ ଶୌଚାଳୟ (ଆଇଏଚ୍ଏଚ୍ଏଲ୍) ଗୁଡ଼ିକର ବିବରଣୀ ***ସାରଣୀ 6.7*** ରେ ଦର୍ଶାଯାଇଛି ।

***ସାରଣୀ 6.7: ସ୍ୱଚ୍ଛ ଭାରତ ଅଧୀନରେ ନିର୍ମାଣ ହୋଇଥିବା ଶୌଚାଳୟ***

| ଜିଲ୍ଲାର ନାମ | ଉପାଦାନ | ଗ୍ରହଣ ହୋଇଥିବା ଶୌଚାଳୟ ପାଇଁ ଆବେଦନ | ଆବେଦନ ଯାଞ୍ଚ ଏବଂ କାର୍ଯ୍ୟାଦେଶ | ସମାପ୍ତ ଶୌଚାଳୟ | ନିର୍ମାଣାଧୀନ ଶୌଚାଳୟ | ନିର୍ମାଣ ଆରମ୍ଭ ହୋଇନଥିବା ଶୌଚାଳୟ | ନିର୍ମାଣ ପାଇଁ ବ୍ୟୟ (ଟଙ୍କା କୋଟିରେ) |
|---|---|---|---|---|---|---|---|
| କଟକ | ଆଇଏଚ୍ଏଚ୍ଏଲ୍ | 16,232 | 12,094 | 9,329 | 22 | 2,743 | 7.50 |
| ସମ୍ବଲପୁର | ଆଇଏଚ୍ଏଚ୍ଏଲ୍ | 15,093 | 2,983 | 2,912 | 71 | 0 | 2.38 |
| **ମୋଟ** | | **31,325** | **15,077** | **12,241** | **93** | **2,743** | **9.88** |

*(ଉତ୍ସ: ଏସ୍‌ବିଏମ୍‌ର ଡ୍ୟାସ୍‌ବୋର୍ଡରୁ ମିଳିଥିବା ତଥ୍ୟ)*

ଘରୋଇ ଶୌଚାଳୟ ଗୁଡ଼ିକର ନିର୍ମାଣରେ ଦେଖାଯାଇଥିବା ତ୍ରୁଟିବିଚ୍ୟୁତି ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

### *6.5.2 ଆର୍ଥିକ ସ୍ଥିତି*

ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକ, ଏସ୍‌ବିଏମ୍ ଯୋଜନା ଅଧୀନରେ ଆର୍ଥିକ ବର୍ଷ 2015-16 ରୁ 2020-21ମଧ୍ୟରେ, ଆଇଏଚ୍ଏଚ୍ଏଲ୍ କମ୍ୟୁନିଟି ଶୌଚାଳୟ (ସିଟି)/ ସର୍ବସାଧାରଣ ଶୌଚାଳୟ (ପିଟି) ନିର୍ମାଣ ପାଇଁ (ଉଭୟ କେନ୍ଦ୍ରୀୟ ଏବଂ ରାଜ୍ୟ ଅଂଶ) ପ୍ରାପ୍ତ 74.70[101] କୋଟି ଟଙ୍କାରୁ 28.92[102] କୋଟି ଟଙ୍କା (ସିଟି/ପିଟି, ପରିଶ୍ରାଗାର, ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) କାର୍ଯ୍ୟକଳାପ ଏବଂ କଠିନ ବର୍ଜ୍ୟ ବସ୍ତୁ ପରିଚାଳନା (ଏସ୍‌ଡବ୍ଲୁଏମ୍) ପାଇଁ ଖର୍ଚ୍ଚ କରିଥିଲେ । ସହରର ପରିମଳ ଯୋଜନା ପ୍ରସ୍ତୁତ କରିବା ଏବଂ ଆଇଏଚ୍ଏଚ୍ଏଲ୍ ନିର୍ମାଣ ପାଇଁ ଆବେଦନ ଗୁଡ଼ିକର ଠିକ୍ ସମୟରେ ଅନୁମୋଦନ, ଉପଲବ୍ଧ ପାଣ୍ଠିର ସର୍ବୋଚ୍ଚ ଉପଯୋଗ ପାଇଁ ସେମାନେ ପଦକ୍ଷେପ ଗ୍ରହଣ କରିନଥିଲେ, ଫଳସ୍ୱରୂପ, ଅବ୍ୟବହୃତ ପାଣ୍ଠି 45.78 କୋଟି ଟଙ୍କା ଏସ୍‌ପିଏମ୍

[101] ଏସ୍‌ବିଏମ୍ ଅଧୀନରେ ସଂଗ୍ରହ : 35.20 କୋଟି ଟଙ୍କା, ଚୌଦ୍ୱାରା ପୌରପାଳିକା: 6.35 କୋଟି ଟଙ୍କା, ଆଠଗଡ଼ ଏନ୍ଏସି : 2.33 କୋଟି ଟଙ୍କା, ସମ୍ବଲପୁର ମହାନଗର ନିଗମ : 27.29 କୋଟି ଟଙ୍କା, ରେଢ଼ାଖୋଲ ଏନ୍ଏସି : 1.90 କୋଟି ଟଙ୍କା ଏବଂ କୁଚିଣ୍ଡା ଏନ୍ଏସି : 1.63 କୋଟି ଟଙ୍କା

[102] ଏସ୍‌ବିଏମ୍ ଅଧୀନରେ ବ୍ୟୟ: 10.60 କୋଟି ଟଙ୍କା, ଚୌଦ୍ୱାରା ପୌରପାଳିକା : 2.71 କୋଟି ଟଙ୍କା, ଆଠଗଡ଼ ଏନ୍ଏସି : 1.99 କୋଟି ଟଙ୍କା, ସମ୍ବଲପୁର ମହାନଗର ନିଗମ : 11.31 କୋଟି ଟଙ୍କା, ରେଢ଼ାଖୋଲ ଏନ୍ଏସି : 1.28 କୋଟି ଟଙ୍କା ଏବଂ କୁଚିଣ୍ଡା ଏନ୍ଏସି : 1.03 କୋଟି ଟଙ୍କା

(ସହରୀ) ରାଜ୍ୟ ନୋଡାଲ ଆକାଉଣ୍ଟକୁ ଫେରସ୍ତ କରି ଦେଇଥିଲେ । ଅର୍ଥ ଉପଯୋଗ ନହେବାର କାରଣ ଗୁଡ଼ିକ ହେଉଛି, ପାଣିର ବ୍ୟବହାର ପାଇଁ ସ୍ୱଳ୍ପ ମିଆଦି/ ଦୀର୍ଘ ମିଆଦି/ କଣ୍ଟିଜେନ୍ସି ଯୋଜନା ଏସ୍ଡବ୍ଲୁଏମ୍ ଉପାଦାନ ପାଇଁ ସିଟି ସାନିଟେସନ୍ ପ୍ଲାନ୍ ଇତ୍ୟାଦି ପ୍ରସ୍ତୁତ ହୋଇନଥିଲା । ଆଇଏଚ୍ଏଚ୍ଏଲ୍ ନିର୍ମାଣ ପାଇଁ ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ 8.58 କୋଟି ଟଙ୍କା ଅନୁଦାନ ପାଇଁ ଉପଯୋଗିକରଣ ପ୍ରମାଣପତ୍ର (ୟୁସି) ଏପର୍ଯ୍ୟନ୍ତ ଦାଖଲ ହୋଇନାହିଁ (ଜାନୁଆରୀ 2022)

### *6.5.3 ସହର ପରିମଳ ଯୋଜନାଗୁଡ଼ିକର ଅଣ-ପ୍ରସ୍ତୁତି*

ଏସ୍ବିଏମ୍ ମାର୍ଗଦର୍ଶିକାର ଅନୁଚ୍ଛେଦ 2.5 ଏବଂ 3 ରେ ଦର୍ଶାଯାଇଛି ଯେ ରାଜ୍ୟକୁ ଏକ ବ୍ୟାପକ ପରିମଳ ଯୋଜନା ପ୍ରସ୍ତୁତ କରିବା ସହିତ ରାଜ୍ୟର ସମସ୍ତ ୟୁଏଲ୍ବି ପାଇଁ ସହର ସ୍ତରୀୟ ପରିମଳ ଯୋଜନା (ସିଏସ୍ପି) ପ୍ରସ୍ତୁତ କରିବାକୁ ପଡ଼ିବ । ସେହି ଅନୁଯାୟୀ, ଗୃହ ଏବଂ ନଗର ଉନ୍ନୟନ (ଏଚ୍ଆଣ୍ଡୟୁଡି) ବିଭାଗ ସହର ସ୍ତରୀୟ ପରିମଳ ଯୋଜନା ଗୁଡ଼ିକର ପ୍ରସ୍ତୁତି ଏବଂ ତୁରନ୍ତ ଦାଖଲ ପାଇଁ ସମସ୍ତ ୟୁଏଲ୍ବିକୁ ନିର୍ଦ୍ଦେଶ (ସେପ୍ଟେମ୍ବର 2015) ଜାରି କରିଥିଲେ । ଡିସେମ୍ବର 2016ରେ ଗୃହ ଏବଂ ନଗର ଉନ୍ନୟନ (ଏଚ୍ଆଣ୍ଡୟୁଡି) ବିଭାଗ ପୁନର୍ବାର ୟୁଏଲ୍ବି ମାନଙ୍କୁ 15 ଜାନୁଆରୀ 2017 ସୁଦ୍ଧା ଘରକୁ ଘର (ଡିଟୁଡି) ସର୍ଭେ କରିବା ପରେ ଶୌଚାଳୟ ନଥିବା ଘର ଗୁଡ଼ିକୁ ସାମିଲ୍ କରି ସେମାନଙ୍କର ପରିମଳ ଯୋଜନାକୁ ସଂଶୋଧନ କରିବାକୁ କହିଥିଲେ ।

ଏସ୍ଏମ୍ସି ଏବଂ ସିଏମ୍ସିର ରେକର୍ଡଗୁଡ଼ିକର ସମୀକ୍ଷାରୁ ଜଣାପଡ଼ିଛି ଯେ ଉଭୟ ୟୁଏଲ୍ବି ଯଥାକ୍ରମେ 2012 ଏବଂ 2017 ମସିହାରେ ସେମାନଙ୍କର ସହର ପରିମଳ ଯୋଜନା ପ୍ରସ୍ତୁତ କରି ସେଗୁଡ଼ିକର ଅନୁମୋଦନ ପାଇଁ ଗୃହ ଏବଂ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କୁ ପଠାଇଥିଲେ । ଅଡିଟ୍ରୁ ଜଣାଯାଏ ଯେ ଜାନୁଆରୀ 2022 ସୁଦ୍ଧା ସରକାରଙ୍କ ଠାରୁ ଏହି ସିଏସ୍ପି ଗୁଡ଼ିକ ଅନୁମୋଦିତ ହୋଇନଥିଲେ । ସମୀକ୍ଷା ହୋଇଥିବା ଅନ୍ୟ ୟୁଏଲ୍ବି ଗୁଡ଼ିକ କୌଣସି ସହର ପରିମଳ ଯୋଜନା ପ୍ରସ୍ତୁତ କରିନଥିଲେ ।

### *6.5.4 ଆବେଦନ ଗୁଡ଼ିକର ଯାଞ୍ଚ ଏବଂ ଅନୁମୋଦନରେ ବିଳମ୍ବ*

ଏସ୍ବିଏମ୍ ମାର୍ଗଦର୍ଶିକାର ଅନୁଚ୍ଛେଦ 4.3.1 ରେ ଦର୍ଶାଯାଇଛି ଯେ ହିତାଧିକାରୀଙ୍କ ଠାରୁ ପ୍ରାପ୍ତ ଆଇଏଚ୍ଏଚ୍ଏଲ୍ ନିର୍ମାଣ ସମ୍ବନ୍ଧୀୟ ଆବେଦନଗୁଡ଼ିକ ସାତ ଦିନ ମଧ୍ୟରେ ଯାଞ୍ଚ କରାଯିବା ସହ ଡେପୁଟି କମିଶନର (ପରିମଳ) କିମ୍ବା ସଂପୃକ୍ତ ୟୁଏଲ୍ବିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ହେବା ଉଚିତ୍ । ରେକର୍ଡ ଗୁଡ଼ିକରୁ ଜଣାଯାଏ ଯେ ବର୍ଷ 2014-15 ରୁ 2020-21 ମଧ୍ୟରେ କଟକ ଏବଂ ସମ୍ବଲପୁର ଜିଲ୍ଲାର ୟୁଏଲ୍ବି ଗୁଡ଼ିକ ଆଇଏଚ୍ଏଚ୍ଏଲ୍ ନିର୍ମାଣ ପାଇଁ 31,325 ଟି ଆବେଦନ ଗ୍ରହଣ କରିଛନ୍ତି, ସେଥିମଧ୍ୟରୁ 575 ଟି ଆବେଦନ ନଭେମ୍ବର 2021 ସୁଦ୍ଧା ଯାଞ୍ଚ ପାଇଁ ବିଚାରାଧୀନ ଅଛି । ସଂପୃକ୍ତ ରେଜିଷ୍ଟର ଗୁଡ଼ିକରେ ଆବେଦନ ଗୁଡ଼ିକର ପ୍ରାପ୍ତ ତାରିଖ, ଯାଞ୍ଚ ତାରିଖ ଏବଂ ଆବେଦନଗୁଡ଼ିକର ଅନୁମୋଦନ ତାରିଖ ଭଳି ସବିଶେଷ ତଥ୍ୟର ରେକର୍ଡିଂ ନହେବା କାରଣରୁ ପଡ଼ିରହିଥିବାର ଅବଧି ଏବଂ କାରଣଗୁଡ଼ିକ ଅଡିଟ୍କୁ ବ୍ୟାଖ୍ୟା କରାଯାଇପାରି ନଥିଲା । ଏହିପରି, ଆଇଏଚ୍ଏଚ୍ଏଲ୍ ଗୁଡ଼ିକର ନିର୍ମାଣ ନହେବା ଦ୍ୱାରା ସଂପୃକ୍ତ ଅଞ୍ଚଳରେ ଖୋଲା ମଳ ତ୍ୟାଗ ହେବାର ଦେଖାଯାଇଥିଲା ।

ଏହା ଡେପୁଟି କମିଶନର (ପରିମଳ) କିମ୍ବା ସଂପୃକ୍ତ ୟୁଏଲ୍ବିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉତ୍ତରଦାୟିତ୍ୱର ଅନୁପସ୍ଥିତିକୁ ସୂଚାଇଥାଏ, ଯାହା ଆବେଦନ ଗୁଡ଼ିକର ଯାଞ୍ଚ ଏବଂ ଅନୁମୋଦନରେ ବିଳମ୍ବ ଘଟାଇଥିଲା ।

### *6.5.5 ଆଇଏଚ୍ଏଚ୍ଏଲ୍ ହିତାଧିକାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ବିଳମ୍ବରେ ପ୍ରଦାନ*

ଏସ୍ବିଏମ୍ ନିର୍ଦ୍ଦେଶାବଳୀ ଅନୁଚ୍ଛେଦ 4.4, 4.4.1 ଏବଂ 4.4.5 ଅନୁଯାୟୀ, (କ) ଘରୋଇ ଶୌଚାଳୟ (ଆଏଚ୍ଏଚ୍ଏଲ୍) ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନ, ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ଚିହ୍ନଟ ହୋଇଥିବା ହିତାଧିକାରୀଙ୍କ ପାଇଁ ପ୍ରତି ଘରୋଇ ଶୌଚାଳୟ ନିର୍ମାଣ ପାଇଁ 4,000 ଟଙ୍କା ସ୍ଥିର କରାଯାଇଥିଲା ।

(ଖ) କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନର 50 ପ୍ରତିଶତ ଚିହ୍ନଟ ହିତାଧିକାରୀ ପରିବାରଙ୍କୁ ପ୍ରଥମ କିସ୍ତି ଭାବରେ ୟୁଏଲ୍‌ବିର ଅନୁମୋଦନ କ୍ରମେ ରାଜ୍ୟ ସରକାରଙ୍କ ଅଂଶ ଧନ ସହିତ ପ୍ରଦାନ କରିବାର ଥିଲା । (ଗ) ରାଜ୍ୟ ସରକାର/ ୟୁଏଲ୍‌ବି ଦ୍ୱାରା କୌଣସି ପର୍ଯ୍ୟାୟରେ କୌଣସି ଅତିରିକ୍ତ ପାଣ୍ଠି ମୁକ୍ତ କରିବାରେ କିଛି ପ୍ରତିବନ୍ଧକ ନଥିଲା । (ଘ) ଠିକ୍ ସମୟରେ ଏବଂ ଅସୁବିଧା ମୁକ୍ତ ଢଙ୍ଗରେ ହିତାଧିକାରୀଙ୍କ ପରିବାରଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ନିଶ୍ଚିତ କରିବାକୁ ୟୁଏଲ୍‌ବି ଗୁଡ଼ିକର ଆବଶ୍ୟକତା ଥିଲା ।

ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକର ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ ଆର୍ଥିକ ବର୍ଷ 2015-16 ରୁ 2020-21 ମଧ୍ୟରେ 9.87 କୋଟି ଟଙ୍କା ଆଇଏଚ୍‌ଏଚ୍‌ଏଲ୍ ନିର୍ମାଣ ପାଇଁ 12,241 ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଏହି 12,241 ଜଣ ହିତାଧିକାରୀଙ୍କ ମଧ୍ୟରୁ 10,279 ହିତାଧିକାରୀ ଆଇଏଚ୍‌ଏଚ୍‌ଏଲ୍ ସମାପ୍ତ ହେବା ପରେ, ପ୍ରଥମ କିସ୍ତିର ଲାଭ ନ ପାଇ ସମସ୍ତ ପ୍ରୋତ୍ସାହନ ରାଶି ପ୍ରାପ୍ତ କରିଥିଲେ । ଉପଯୁକ୍ତ ତଦାରଖ ଓ ସମନ୍ୱୟର ଅଭାବ ହେତୁ, ସଂପୃକ୍ତ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ନ ଦେଇ ଆଇଏଚ୍‌ଏଚ୍‌ଏଲ୍ ନିର୍ମାଣ ସମାପ୍ତ ପରେ ସମସ୍ତ ପ୍ରାପ୍ୟ ଦିଆଯାଇଥିଲା । ଏହିପରି ଏହି ହିତାଧିକାରୀମାନେ ଆଇଏଚଏଚଏଲ୍‌ଗୁଡ଼ିକର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବା ପାଇଁ ବାଧ୍ୟ ହୋଇଥିଲେ କାରଣ ଆଇଏଚ୍‌ଏଚ୍‌ଏଲ୍ ସମାପ୍ତ ହେବା ପରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏହା ମଧ୍ୟ ସୂଚାଇ ଦେଇଛି ଯେ, ହିତାଧିକାରୀମାନେ ୟୁଏଲ୍‌ବି ଦ୍ୱାରା ପ୍ରାରମ୍ଭିକ ପାଣ୍ଠି ପାଇବାକୁ ଉତ୍ସାହିତ କରାଯାଇନଥିଲା । ତେଣୁ, ସେମାନେ ଆଇଏଚ୍‌ଏଚ୍‌ଏଲ୍‌ର ସମାପ୍ତ ହେବା ପାଇଁ ଆର୍ଥିକ ବୋଝ ବହନ କରିବାକୁ ବାଧ୍ୟ ହୋଇଥିଲେ ।

### *6.5.6 ଘରୋଇ ଶୌଚାଳୟ ନିର୍ମାଣ ଦିଗରେ 27.58 ଲକ୍ଷ ଟଙ୍କାର ଅଫଳପ୍ରଦ ଖର୍ଚ୍ଚ*

ସମୀକ୍ଷା ହୋଇଥିବା ୟୁଏଲ୍‌ବି (ଚୌଦ୍ୱାର, ଆଠଗଡ଼, କୁଚିଣ୍ଡା ଏବଂ ରେଢାଖୋଲ) ଗୁଡ଼ିକର ରେକର୍ଡ ଏବଂ ସୂଚନାରୁ ଜଣାପଡ଼ିଛି ଯେ ଆର୍ଥିକ ପ୍ରୋତ୍ସାହନ ଭାବରେ 2000 ଟଙ୍କା ଲେଖାଏ ପ୍ରଥମ କିସ୍ତି 3,111 ହିତାଧିକାରୀଙ୍କୁ ଆଇଏଚ୍‌ଏଚ୍‌ଏଲ୍ ନିର୍ମାଣ ପାଇଁ ଆର୍ଥିକ ବର୍ଷ 2015-16 ଠାରୁ ମଞ୍ଜୁର ପ୍ରଦାନ କରାଯାଇଥିଲା । ଏହି 3,111 ହିତାଧିକାରୀଙ୍କ ମଧ୍ୟରୁ କେବଳ 1,713 ହିତାଧିକାରୀ ଉଭୟ କିସ୍ତି ପାଇବା ପରେ ଆଇଏଚଏଚଏଲ ନିର୍ମାଣ କରିଥିଲେ । 19 ଜଣ ହିତାଧିକାରୀ ସେମାନଙ୍କ ଦ୍ୱାରା ପ୍ରାପ୍ତ ପ୍ରଥମ କିସ୍ତି ଫେରସ୍ତ କରିଥିଲେ । ଅବଶିଷ୍ଟ, 1,379 ଜଣ ହିତାଧିକାରୀ ପ୍ରଥମ କିସ୍ତି ଗ୍ରହଣ କରିଥିଲେ, କିନ୍ତୁ ଆଇଏଚ୍‌ଏଚ୍‌ଏଲ୍ ସମାପ୍ତ କରିନଥିଲେ କିମ୍ବା ୟୁଏଲ୍‌ବି ଗୁଡ଼ିକୁ ପ୍ରାପ୍ତ ଅର୍ଥ ଫେରସ୍ତ କରିନଥିଲେ । ଯଦିଓ କାରଣ ଦର୍ଶାଅ ନୋଟିସ୍ ପରବର୍ତ୍ତୀ ସମୟରେ ଏହି ହିତାଧିକାରୀଙ୍କୁ ଦିଆଯାଇଥିଲା, ଅଡିଟ୍ ଲକ୍ଷ୍ୟ କରିଛି ଯେ ଏସ୍‌ବିଏମ୍ ନିର୍ଦ୍ଦେଶାବଳୀ ଅନୁଯାୟୀ, ଏହିପରି ହିତାଧିକାରୀଙ୍କ ଠାରୁ ଅର୍ଥ ଫେରସ୍ତ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ 27.58 ଲକ୍ଷ ଟଙ୍କା ଖର୍ଚ୍ଚ ସମ୍ପୂର୍ଣ୍ଣ ଅଫଳପ୍ରଦ ହେଲା ।

### *6.5.7 ସମ୍ପ୍ରଦାୟ ଶୌଚାଳୟର ପରିଚାଳନା ଏବଂ ରକ୍ଷଣାବେକ୍ଷଣ*

ସମୀକ୍ଷା ହୋଇଥିବା ୟୁଏଲ୍‌ବିର ବ୍ୟକ୍ତିଗତ ଏବଂ ସମ୍ପ୍ରଦାୟ ଶୌଚାଳୟ ଗୁଡ଼ିକର ୟୁଏଲ୍‌ବି ପ୍ରତିନିଧି ଏବଂ ଅଡିଟ୍ ସହିତ ସରଜମିନ ତଦନ୍ତ (ଫେବୃଆରୀ 2022) ସମୟରେ ଦେଖାଯାଇଥିଲା ଯେ ଅନେକ ଶୌଚାଳୟରେ ଜଳ ସଂଯୋଗ ନାହିଁ, ବିଦ୍ୟୁତ୍ ସଂଯୋଗ ନାହିଁ, ମରାମତି ଏବଂ ରକ୍ଷଣାବେକ୍ଷଣର ଅଭାବ, ପରିଷ୍କାରର ଅଭାବ ଏବଂ ନିକଟସ୍ଥ ନଦୀ ଗୁଡ଼ିକୁ ବର୍ଜ୍ୟଜଳ ନିଷ୍କାସନ କରିବା ଦେଖାଯାଇଥିଲା । ଏହିପରି କେତେକ ଉଦାହରଣ ନିମ୍ନରେ ଦର୍ଶାଯାଇଛି ।

**ଫଟୋଚିତ୍ର ସଂଖ୍ୟା.-6.5**




**ଫଟୋଚିତ୍ର ସଂଖ୍ୟା-6.6**




**ଫଟୋଚିତ୍ର ସଂଖ୍ୟା-6.7**




***ସୁପାରିଶ:***

***4. ରାଜ୍ୟ ସରକାର ଏକ ବ୍ୟାପକ ପରିମଳ ଯୋଜନା ପ୍ରସ୍ତୁତ କରି ନିରନ୍ତର ପରିମଳ ସେବା ସୁନିଶ୍ଚିତ କରିବା ଉଚିତ୍ ।***

***5. ୟୁ ଏଲ୍‌ବି ଗୁଡ଼ିକ ବିଶେଷତଃ ଯେଉଁ ଘରୋଇ ଶୌଚାଳୟ ନିର୍ମାଣ ପାଇଁ ହିତାଧିକାରୀଙ୍କୁ ପାଣ୍ଠି ଆବଣ୍ଟନ କରାଯାଇ ସାରିଛି (ଆଇଏଚ୍‌ଏଚ୍‌ଏଲ୍) ସେ ସବୁ କାର୍ଯ୍ୟ ସମାପ୍ତ ହେବା ଉପରେ ଧ୍ୟାନ ଦେବା ଉଚିତ୍ ।***

***6. ୟୁ ଏଲ୍‌ବି ଗୁଡ଼ିକ ଆଇଏଚ୍‌ଏଚ୍‌ଏଲ୍ ପାଇଁ ଆବେଦନଗୁଡ଼ିକର ଯାଞ୍ଚ ଏବଂ ଅନୁମୋଦନ ପ୍ରକ୍ରିୟାକୁ ସରଳ କରିବା ଏବଂ ସେମାନଙ୍କର ନିର୍ମାଣ ପାଇଁ ପାଣ୍ଠିର ଠିକ୍ ସମୟରେ ମୁକ୍ତ କରିବା ଉଚିତ୍ ।***

***7. ୟୁ ଏଲ୍‌ବି ଗୁଡ଼ିକ କମ୍ୟୁନିଟ୍ ଶୌଚାଳୟର ସଠିକ୍ ରକ୍ଷଣାବେକ୍ଷଣ ଯଥା ଏଥିରେ ଜଳ ଯୋଗାଣ, ବିଦ୍ୟୁତ୍ ସଂଯୋଗ ଏବଂ ପରିଷ୍କାର ପରିଚ୍ଛନ୍ନତାକୁ ପ୍ରାଥମିକତା ଦେବା ଆବଶ୍ୟକ ।***

## *6.6 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)*

ଭାରତ ସରକାର (ଜିଓଆଇ) ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରୀ) (ପିଏମ୍‌ଏଓ୍ୱାଇ-ୟୁ) ମାଧ୍ୟମରେ (ଜୁନ୍ 2015) ସମସ୍ତ ଯୋଗ୍ୟ ପରିବାରଙ୍କୁ ମାର୍ଚ୍ଚ 2022 ସୁଦ୍ଧା ଘର ଯୋଗାଇବା ଲକ୍ଷ୍ୟରେ ଆରମ୍ଭ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଡିସେମ୍ବର 2024 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା (ଅଗଷ୍ଟ 2022) । ରାଜ୍ୟ ସରକାର ଏହି ଯୋଜନାକୁ ସଫଳତାର ସହିତ କାର୍ଯ୍ୟ କରିବା ପାଇଁ ଆବଶ୍ୟକତା ଥିଲା । ରାଜ୍ୟ ସରକାର (ଜାନୁଆରୀ 2016) ହିତାଧିକାରୀଙ୍କ ପାଇଁ ବ୍ୟକ୍ତିଗତ ଗୃହ ନିର୍ମାଣ କିମ୍ବା ଉନ୍ନତି (ବିଏଲ୍‌ସି) ପାଇଁ ସବ୍‌ସିଡ୍ ଥିବା ଉପାଦାନ ଉପରେ ଧ୍ୟାନ ଦେଇ ଏହାର କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ଉପାଦାନ ଅଧିନରେ ଅର୍ଥନିତୀକ ଦୁର୍ବଳ ଶ୍ରେଣୀ (ଇଡବ୍ଲୁଏସ୍) ର ଯୋଗ୍ୟ ପରିବାର ମାନେ ନୂତନ ଗୃହ ନିର୍ମାଣ କରିପାରିବେ କିମ୍ବା ବିଦ୍ୟମାନ ଥିବା ଘରଗୁଡ଼ିକର ନବୀକରଣ କରି ବୃଦ୍ଧି କରିପାରିବେ । ଏହି ନିର୍ମାଣ ପାଇଁ ହିତାଧିକାରୀମାନେ ନିଜ ନିଜର ଆର୍ଥିକ ଅବଦାନ ସହିତ ଭାରତ ସରକାର (ଜିଓଆଇ)/ ଓଡ଼ିଶା ସରକାରଙ୍କ ଆର୍ଥିକ ସହଯୋଗରେ ନିର୍ମାଣ କାର୍ଯ୍ୟ କରିବେ । ନିର୍ମାଣର ପର୍ଯ୍ୟାୟ ପ୍ରଗତି ଉପରେ ଆଧାର କରି ଆନୁପାତିକ ଭାବରେ ସରକାରଙ୍କ ଦ୍ୱାରା ଅର୍ଥ ପ୍ରଦାନ କରାଯିବ ।

### *6.6.1 ସମସ୍ତଙ୍କ ପାଇଁ "ଗୃହ ଯୋଗାଇବା କାର୍ଯ୍ୟର ଯୋଜନା ପ୍ରସ୍ତୁତି ନକରିବା"*

ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ 8.3 ଅନୁଯାୟୀ, ସହରଗୁଡ଼ିକରେ ଗୃହର ପ୍ରକୃତ ଚାହିଦା ଆକଳନ କରିବା ପାଇଁ ଉପଯୁକ୍ତ ଉପାୟ ମାଧ୍ୟମରେ ଚାହିଦା ସର୍ବେକ୍ଷଣ କରିବାର ଆବଶ୍ୟକତା ଥିଲା । ଏହି ଘରର ଆବଶ୍ୟକତା ସର୍ଭେ ଏବଂ ଅନ୍ୟାନ୍ୟ ଉପଲବ୍ଧ ତଥ୍ୟ ଆଧାରରେ ସହରଗୁଡ଼ିକ "ସମସ୍ତଙ୍କ ପାଇଁ ଗୃହ ଯୋଜନା ଆକ୍ସନ୍" (ଏଚ୍‌ଏଫ୍‌ଏପିଓଏ) ପ୍ରସ୍ତୁତ କରିବା ଆବଶ୍ୟକ ଥିଲା । ପୁନଶ୍ଚ ମାର୍ଗଦର୍ଶିକାର ଅନୁଚ୍ଛେଦ 8.5 ଅନୁଯାୟୀ,

ଏଚ୍‌ଏଫ୍‌ଏପିଓଏ ଆଧାରରେ ରାଜ୍ୟ/ ସହରଗୁଡ଼ିକ ସେମାନଙ୍କର ବାର୍ଷିକ କାର୍ଯ୍ୟାନ୍ୱୟନ ଯୋଜନା (ଏଆଇପି) ପ୍ରସ୍ତୁତ କରିବାର ଥିଲା । ଏହି ଅନୁସାରେ ଆର୍ଥିକ ଉତ୍ସର ଉପଲବ୍ଧତା ଏବଂ ପ୍ରାଥମିକତାକୁ ଦୃଷ୍ଟିରେ ରଖି 2022 ପର୍ଯ୍ୟନ୍ତ ଏହି କାର୍ଯ୍ୟକୁ ଭାଗଭାଗ କରାଯିବାର ଥିଲା । ବୃହତ୍ ସହରଗୁଡ଼ିକ ପାଇଁ ସଂପୃକ୍ତ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର (ୟୁଟି) ସରକାରଙ୍କ ଅନୁମୋଦନ କ୍ରମେ ଉପ-ସହର (ୱାର୍ଡ-ଜୋନ୍ ଇତ୍ୟାଦି) ସ୍ତରରେ ଏଚ୍‌ଏଫ୍‌ଏପିଓଏ ଏବଂ ଏଆଇପି ପ୍ରସ୍ତୁତ କରାଯାଇପାରିବ ।

ସମୀକ୍ଷା ହୋଇଥିବା ଦୁଇଟି ୟୁଏଲ୍‌ବି (ସିଏମ୍‌ସି ଏବଂ ଏସ୍‌ଏମ୍‌ସି) ର ରେକର୍ଡଗୁଡ଼ିକରୁ ଜଣାପଡ଼ିଛି ଯେ ସହରରେ ବାସଗୃହର ପ୍ରକୃତ ଚାହିଦା ଆକଳନ କରିବା ପାଇଁ ସେମାନେ ସର୍ଭେ (ମାର୍ଚ୍ଚ 2019) କରିଥିଲେ ଏବଂ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ 44,356 ହିତାଧିକାରୀଙ୍କୁ ମଧ୍ୟ ଚିହ୍ନଟ କରିଥିଲେ । ଏହା ମଧ୍ୟ ଜଣାଯାଏ ଯେ ମାର୍ଚ୍ଚ 2021 ସୁଦ୍ଧା ଉଭୟ ମହାନଗର ନିଗମ ନିର୍ଦ୍ଦେଶାବଳୀ ଅନୁଯାୟୀ ଏପର୍ଯ୍ୟନ୍ତ ସେମାନଙ୍କର ଏଚ୍‌ଏଫ୍‌ଏପିଓଏ ପ୍ରସ୍ତୁତ କରିନଥିଲେ । ଫଳସ୍ୱରୂପ, ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଏହି ଯୋଜନାର ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ । ଅବଶିଷ୍ଟ ସମୀକ୍ଷା ହୋଇଥିବା ୟୁଏଲ୍‌ବି[103]ଗୁଡ଼ିକ ମଧ୍ୟ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସେମାନଙ୍କର ଏଆଇପି ପ୍ରସ୍ତୁତ କରିନଥିଲେ । ହିତାଧିକାରୀଙ୍କ ପାଇଁ ବ୍ୟକ୍ତିଗତ ଗୃହ ନିର୍ମାଣ କିମ୍ବା ଉନ୍ନତି (ବିଏଲ୍‌ସି)[104] ପାଇଁ ସବ୍‌ସିଡି ଥିବା ଉପାଦାନର କାର୍ଯ୍ୟକାରିତା ସମ୍ବନ୍ଧରେ ଦେଖାଯାଇଥିବା ଅଭାବଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦରେ ଉଲ୍ଲେଖ କରାଯାଇଛି ।

### 6.6.2 ଯୋଜନା କାର୍ଯ୍ୟକାରୀ କରିବାରେ ମନ୍ଥରତା

କଟକ ମହାନଗର ନିଗମ ଏବଂ ସମ୍ବଲପୁର ମହାନଗର ନିଗମ ବିଏଲ୍‌ସି ଉପାଦାନ ଅଧିନରେ ଥିବା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରକଳ୍ପର ବିସ୍ତୃତ ବିବରଣୀ (ଡିପିଆର୍) ପ୍ରସ୍ତୁତ କରିଥିଲେ । ଡିସେମ୍ବର 2021 ସୁଦ୍ଧା ଏହି ୟୁଏଲ୍‌ବିର ଅଧିନରେ ଯୋଗ୍ୟ ହିତାଧିକାରୀଙ୍କ କାର୍ଯ୍ୟକାରିତାର ସ୍ଥିତି ସାରଣୀ **6.8** ରେ ସୂଚିତ କରାଯାଇଅଛି ।

***ସାରଣୀ 6.8: ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ ପିଏମ୍‌ଏୱାଇ-ୟୁ ଅଧିନରେ ଯୋଗ୍ୟ ହିତାଧିକାରୀଙ୍କ କାର୍ଯ୍ୟର ସ୍ଥିତି***

| ଜିଲ୍ଲାର ନାମ | ୟୁଏଲ୍‌ବିରେ ପ୍ରସ୍ତାବିତ ନିର୍ମାଣ ଚାଲୁଥିବା ଗୃହଗୁଡ଼ିକର ଲକ୍ଷ୍ୟ | ଦିଆଯାଇଥିବା କାର୍ଯ୍ୟାଦେଶ ସଂଖ୍ୟା | ନିର୍ମାଣ ହୋଇସାରିଥିବା ଗୃହ ଗୁଡ଼ିକର ସଂଖ୍ୟା | ଗୃହ କାର୍ଯ୍ୟ ଚାଲୁରହିଥିବା ସଂଖ୍ୟା | ଗୃହ କାର୍ଯ୍ୟ ଆରମ୍ଭ ହୋଇନଥିବା ସଂଖ୍ୟା | ଗୃହ କାର୍ଯ୍ୟ ନିର୍ମାଣ ଲକ୍ଷ୍ୟ ତୁଳନାରେ କାର୍ଯ୍ୟ |
|---|---|---|---|---|---|---|
| କଟକ | 6,950 | 4,374 | 3,568 | 771 | 35 | 51.34 |
| ସମ୍ବଲପୁର | 6,995 | 5,981 | 3,289 | 1,369 | 1,323 | 47.01 |
| | **13,945** | **10,355** | **6,857** | **2,140** | **1,358** | **49.17** |

***(ଉତ୍ସ: ୟୁଏଲ୍‌ବି ଦ୍ୱାରା ପ୍ରଦତ୍ତ ସୂଚନା)***

ପୂର୍ବ ସାରଣୀରୁ ସୂଚିତ ହୁଏ ଯେ ବର୍ଷ 2016-17 ରୁ 2020-21 ମଧ୍ୟରେ ଏହି ୟୁଏଲ୍‌ବି ଗୁଡ଼ିକ କେବଳ 49.17 ପ୍ରତିଶତ ଲକ୍ଷ୍ୟ ହାସଲ କରିବାରେ ସକ୍ଷମ ହୋଇଥିଲେ । ଅଡିଟ୍ ଦ୍ୱାରା ସୂଚିତ ହୋଇଛି ଯେ ନିର୍ଦ୍ଦେଶନାମା ଅନୁଯାୟୀ, କାର୍ଯ୍ୟାଦେଶ ଜାରି ହେବାର 90 ଦିନ ମଧ୍ୟରେ ଗୃହକାର୍ଯ୍ୟ ଆରମ୍ଭ ହେବା ଆବଶ୍ୟକ ଥିବା ସତ୍ତ୍ୱେ

103 (i) ଚୌଦ୍ୱାର ପୌରପାଳିକା (ii) ଆଠଗଡ଼, ଏନ୍‌ଏସି (iii) କୁଚିଣ୍ଡା, ଏନ୍‌ଏସି ଏବଂ (iv) ରେଢାଖୋଲ, ଏନ୍‌ଏସି

104 ଏହି ଉପାଦାନ ଅଧିନରେ, ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲୁଏସ୍) ର ଯୋଗ୍ୟ ପରିବାରମାନେ ନିଜ ନିଜର ଆର୍ଥିକ ଅବଦାନ ସହିତ ଭାରତ ସରକାର (ଜିଓଆଇ) ଏବଂ ଓଡ଼ିଶା ସରକାର (ଜିଓଓ) ଙ୍କ ଆର୍ଥିକ ସହାୟତାରେ ନୂତନ ଗୃହ ନିର୍ମାଣ କିମ୍ବା ବିଦ୍ୟମାନ ଥିବା ଗୃହକୁ ବୃଦ୍ଧି କରିପାରିବେ । ନିର୍ମାଣର ପର୍ଯ୍ୟାୟକୁ ଭିତ୍ତି କରି ଉଭୟ ସରକାରଙ୍କ ଠାରୁ ଆନୁପାତିକ ଭାବରେ ଅର୍ଥ ପ୍ରାପ୍ତି ହେବେ ।

1,358 ଜଣ ହିତାଧିକାରୀ ଆଜି ପର୍ଯ୍ୟନ୍ତ (ମାର୍ଚ୍ଚ 2022) ସେମାନଙ୍କ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରି ନାହାନ୍ତି । ହିତାଧିକାରୀଙ୍କ ଆର୍ଥିକ ପ୍ରତିବନ୍ଧକ ଯୋଗୁଁ ଏହି ଘରଗୁଡ଼ିକର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନଥିଲା ।

ଏଚ୍ଏଫ୍ଏପିଓଏ ର ଅନୁପସ୍ଥିତିରେ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ସରକାର ୟୁଏଲ୍‌ବି ପାଇଁ କୌଣସି ବାର୍ଷିକ ଧାର୍ଯ୍ୟ ଲକ୍ଷ୍ୟ ସ୍ଥିର କରିନାହାଁନ୍ତି । ୟୁଏଲ୍‌ବି ଦ୍ୱାରା ସ୍ଥିର କରାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟ ହାସଲ ହୋଇପାରି ନଥିଲା । କାରଣ ହିତାଧିକାରୀଙ୍କ ଗୃହ ନିର୍ମାଣ କାର୍ଯ୍ୟ କରିବାର ଅର୍ଥନୈତିକ ଯୋଗ୍ୟତା ସଠିକ୍ ଭାବରେ ଯାଞ୍ଚ ନକରି କାର୍ଯ୍ୟାଦେଶ ପ୍ରଦାନ କରିବା ହେତୁ ଏହି ଲକ୍ଷ୍ୟ ହାସଲ ହୋଇପାରି ନଥିଲା । ଏହି ଗତିରେ ଯୋଜନାର ଅଗ୍ରଗତି ହେଲେ, ଯୋଜନାର ସମୟସୀମା ଅନୁଯାୟୀ ୟୁଏଲ୍‌ବି ଅଧିନରେ ଥିବା ସମସ୍ତ ଯୋଗ୍ୟ ପରିବାରଙ୍କୁ ଅନ୍ତର୍ଭୁକ୍ତ କରି ଲକ୍ଷ୍ୟ ହାସଲ ହେବା ଜଣାଯାଉନାହିଁ ।

### *6.6.3 ଅଫଳପ୍ରଦ ଖର୍ଚ୍ଚ*

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ର ନିର୍ଦ୍ଦେଶାବଳୀ ଅନୁଯାୟୀ:

(i) କାର୍ଯ୍ୟାଦେଶ ପ୍ରଦାନ ତାରିଖ ଠାରୁ 12 ମାସ ମଧ୍ୟରେ ଗୃହ ଗୁଡ଼ିକ ସମ୍ପୂର୍ଣ୍ଣ ହେବାର ଥିଲା । ସେହି ଗୃହରେ ବାସୋପଯୋଗୀ ପାଇଁ ସେମାନଙ୍କର ମୌଳିକ ସୁବିଧା ଯଥା ଜଳ, ଶୌଚାଳୟ, ସେରେଜ୍, ବିଦ୍ୟୁତ୍, ରାସ୍ତା ଇତ୍ୟାଦି ଆବଶ୍ୟକ ପୂରଣ କରିବାକୁ ଥିଲା ।

(ii) ହିତାଧିକାରଙ୍କ ପାଇଁ ଗୃହ ସହାୟତା ରାଶି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପାଣ୍ଠି 75:25 ଅନୁପାତରେ ସର୍ବମୋଟ 2.00 ଲକ୍ଷ ଟଙ୍କା ରହିବ । ଗୃହର ନିର୍ମାଣ କାର୍ଯ୍ୟ ଅନୁସାରେ, ଡିସେମ୍ବର 2017 ପର୍ଯ୍ୟନ୍ତ, ଗୋଟିଏ ଗୃହକୁ ସହାୟତା ରାଶି ଚାରୋଟି ପର୍ଯ୍ୟାୟରେ ଯଥା: (କ) ଘର ପାଇଁ ମାଟି ଖନନ ଏବଂ ମୂଳଦୁଆ ପର୍ଯ୍ୟାୟ (ଇଇ) (ଖ) ପ୍ଲିଣ୍ଟ୍ ସ୍ତର ପର୍ଯ୍ୟାୟ (ପିଏଲ୍), (ଗ) ଛାତ ସ୍ତର ପର୍ଯ୍ୟାୟ (ଆର୍ଏଲ୍) ଏବଂ (ଘ) ଗୃହ ସମାପ୍ତି ପର୍ଯ୍ୟାୟ (ସମ୍ପୂର୍ଣ୍ଣ) ପାଇଁ 70,000 (ଇଇ), 60,000 (ପିଏଲ୍), 50,000 ଟଙ୍କା (ଆର୍ଏଲ୍), 20,000 ଟଙ୍କା (ସମ୍ପୂର୍ଣ୍ଣ) ପ୍ରଦାନ କରାଯିବାର ବ୍ୟବସ୍ଥା ଥିଲା । ଜାନୁଆରୀ 2018 ଠାରୁ ସହାୟତା ରାଶି ଯଥାକ୍ରମେ 40,000 ଟଙ୍କା, 60,000 ଟଙ୍କା, 60,000 ଟଙ୍କା ଓ 40,000 ଟଙ୍କା ହିସାବରେ ସଂଶୋଧିତ ହୋଇ ପ୍ରଦାନ କରାଯାଉଛି ।

ଛଅଟି ୟୁଏଲ୍‌ବି ଯଥା: ସମ୍ବଲପୁର ଏବଂ କଟକ ମହାନଗର ନିଗମ, ଚୌଦ୍ୱାର ୟୁଏଲ୍‌ବି ଏବଂ କୁଚିଣ୍ଡା, ରେଢାଖୋଲ ଓ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଇତ୍ୟାଦିରେ ସମୀକ୍ଷା ହୋଇଥିବା ଆର୍ଥିକ ବର୍ଷ 2016-17 ରୁ 2019-20 ମଧ୍ୟରେ ଗୃହ ନିର୍ମାଣ ପାଇଁ 8,567 ଟି କାର୍ଯ୍ୟାଦେଶ ଜାରି କରାଯାଇଥିଲା । କାର୍ଯ୍ୟାଦେଶ ଦିଆଯାଇଥିବା 8,567 ଟି ମଧ୍ୟରୁ, ଡିସେମ୍ବର 2021 ସୁଦ୍ଧା କେବଳ 6,804 ଟି ଘର ନିର୍ମାଣ ହୋଇଥିଲା ବେଳେ 1,763 ଟି ଘର (518 ଇଇ+541 ପିଏଲ୍+704 ଆର୍ଏଲ୍) ବିଭିନ୍ନ ପର୍ଯ୍ୟାୟରେ ଅସମ୍ପୂର୍ଣ୍ଣ ହୋଇ ଗତ ଏକ ବର୍ଷରୁ ପାଞ୍ଚ ବର୍ଷ ମଧ୍ୟରେ ପଡ଼ିରହିଥିଲା । ହିତାଧିକାରୀଙ୍କ ଆର୍ଥିକ ଅଭାବ ଯୋଗୁଁ ଏହି ଘରଗୁଡ଼ିକ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ ।

ସରଜମିନ ତଦନ୍ତ ସମୟରେ, 20 ଘରର ହିତାଧିକାରୀମାନେ ଆର୍ଥିକ ଅଭାବ ଅନାଟନ ହେତୁ ଘର ନିର୍ମାଣ/ ସଂପୂର୍ଣ୍ଣ କରିବାରେ ଅକ୍ଷମତା ପ୍ରକାଶ କରିଥିଲେ । ଅଡିଟ୍ ଏହା ଦେଖିଲେ ଯେ, (କ) ହିତାଧିକାରୀଙ୍କ ନିଜ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତି ପାଇଁ ନିଜସ୍ୱ ସମ୍ବଳ ନଥିଲା କିମ୍ବା କୌଣସି ସମ୍ମିଶ୍ରଣ ଯୋଜନା ମାଧ୍ୟମରେ କିମ୍ବା ସ୍ୱୟଂ ଅର୍ଥ ପ୍ରଦାନ ଦ୍ୱାରା ସେମାନଙ୍କର ଅର୍ଥ ପାଇବାର ସୁବିଧା ନଥିଲା (ଖ) ଯଦିଓ, ଆର୍ଥିକ ବର୍ଷ 2016-17 ରୁ 2019-20 ମଧ୍ୟରେ, 1,763 ହିତାଧିକାରୀଙ୍କୁ, 18.37 କୋଟି ଟଙ୍କା ପ୍ରଦାନ କରାଯାଇଥିଲା, ଉକ୍ତ ଗୃହଗୁଡ଼ିକ ଧାର୍ଯ୍ୟ ସମୟ ଏକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇନଥିଲା ଫଳତଃ ଗତ ଏକ ରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ହୋଇପଡ଼ି ରହିଥିଲା । ଯେହେତୁ ଘରଗୁଡ଼ିକ ସମ୍ପୂର୍ଣ୍ଣ ହେବାର ସମ୍ଭାବନା କ୍ଷୀଣ ଅଟେ, ଖର୍ଚ୍ଚ ହୋଇଥିବା 18.37 କୋଟି ଟଙ୍କା ଅଫଳପ୍ରଦ ହୋଇଥିଲା ।

କିଛି ଅସମ୍ପୂର୍ଣ୍ଣ ଘରର ଫଟୋ ନିମ୍ନରେ ଦିଆଯାଇଛି ।

| ଫଟୋଚିତ୍ର ସଂଖ୍ୟା - 6.8<br>କଟକ ମହାନଗର ନିଗମ | ଫଟୋଚିତ୍ର ସଂଖ୍ୟା -6.9<br>ଏନ୍‌ଏସି, କୁଚିଣ୍ଡା | ଫଟୋଚିତ୍ର ସଂଖ୍ୟା -6.10<br>ସମ୍ବଲପୁର ମହାନଗର ନିଗମ |
|---|---|---|
|  |  |  |

ମାର୍ଚ୍ଚ 2022 ସୁଦ୍ଧା, ୟୁଏଲ୍‌ବି ଗୁଡ଼ିକ ଏ ବାବଦରେ କରାଯାଇଥିବା ଅଡିଟ୍ ଅନୁସନ୍ଧାନର କୌଣସି ପ୍ରତିକ୍ରିୟା ପ୍ରଦାନ କରିନାହାଁନ୍ତି ।

### 6.6.4 ଦକ୍ଷତା ବୃଦ୍ଧି କାର୍ଯ୍ୟକଳାପ

ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 12.1 ଅନୁଯାୟୀ, ୟୁଏଲ୍‌ବି ଗୁଡ଼ିକ ମିଶନର କାର୍ଯ୍ୟାନ୍ୱୟନରେ, ବିଭିନ୍ନ ହିତାଧିକାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ, ଦକ୍ଷତା ବିକାଶ (ଟ୍ରେନିଂ, କର୍ମଶାଳା, ଅଧ୍ୟୟନ/ ଏକ୍ସପୋଜର ପରିଦର୍ଶନ ଇତ୍ୟାଦି ଅନ୍ତର୍ଭୁକ୍ତ କରି) ଉଦ୍ଦେଶ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କରିବାର ଆବଶ୍ୟକ ଥିଲା । ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ସେମାନଙ୍କୁ (କ) ଅନୁସନ୍ଧାନ ଅଧ୍ୟୟନ, (ଖ) ଡକ୍ୟୁମେଣ୍ଟେସନ୍ ଏବଂ ସର୍ବୋତ୍ତମ ଅଭ୍ୟାସ ବିସ୍ତାର ଏବଂ (ଗ) ଅନ୍ୟାନ୍ୟ ଯୋଜନା ସମ୍ବନ୍ଧୀୟ ସାମଗ୍ରୀର ପ୍ରସ୍ତୁତି ମଧ କରିବା ଆବଶ୍ୟକ ଥିଲା ।
ଏହା ମଧ ଜାଣିବାକୁ ମିଳିଲା ଯେ, ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ କରାଯାଇ ନଥିଲା । ଯାହା ସୂଚାଇ ଦେଇଛି ଯେ, କାର୍ଯ୍ୟକାରୀ ଅଧିକାରୀମାନେ ଯୋଜନାର ସଫଳ 2022 ସୁଦ୍ଧା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗୃହ ରୂପାୟନ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଦକ୍ଷ ହୋଇନଥିଲେ ।

### 6.6.5 ନିର୍ମିତ ଗୃହଗୁଡ଼ିକର ମାନକ ଗୁଣବତ୍ତା ନିଶ୍ଚିତ ନହେବା

ମାର୍ଗଦର୍ଶିକାର ଅନୁଚ୍ଛେଦ 12.10 ଧାର୍ଯ୍ୟ କରିଛି ଯେ, ଗୃହ ନିର୍ମାଣର ଗୁଣବପତ୍ତା ନିଶ୍ଚିତ କରିବାକୁ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳ(ୟୁଟି) ଏକ ତୃତୀୟ ପକ୍ଷ ଗୁଣବତ୍ତା ମନିଟରିଂ ଏଜେନ୍ସି (ଟିପିକ୍ୟୁଏମ୍ଏ) ନିୟୋଜିତ କରିବେ । ରାଜ୍ୟ/ ୟୁଟି ଗୁଡ଼ିକ ସେମାନଙ୍କର ଗୁଣବତ୍ତା ମନିଟରିଂ ଏବଂ ନିଶ୍ଚିତତା ତୃତୀୟ ପକ୍ଷ ଏଜେନ୍ସୀକୁ ଜଡ଼ିତ କରି ଯୋଜନା ପ୍ରସ୍ତୁତ କରିବାର ଅବଶ୍ୟକତା ଥିଲା । ଏହି ଯୋଜନାଗୁଡ଼ିକରେ ତୃତୀୟ ପକ୍ଷ ଏଜେନ୍ସୀଗୁଡ଼ିକ ଗୃହ ନିର୍ମାଣ ସ୍ଥାନ ପରିଦର୍ଶନ କରି ଗୃହ ଗୁଡ଼ିକର ଗୁଣାତ୍ମକ ସମ୍ବନ୍ଧୀୟ ପ୍ରସଙ୍ଗରେ ରାଜ୍ୟ ଏବଂ ୟୁଏଲ୍‌ବି ମାନଙ୍କୁ ପରାମର୍ଶ ଦେବେ । ମିଶନ ଅଧିନରେ ମାନକ ଗୁଣବତ୍ତା ଏବଂ ଭିତ୍ତିଭୂମି ଗୃହ ନିର୍ମାଣ ହେବା ନିଶ୍ଚିତ କରିବାକୁ ରାଜ୍ୟ ତଥା ୟୁଏଲ୍‌ବି ଗୁଡ଼ିକ ପ୍ରତିଷେଧକ ତଥା ପ୍ରତିକାର ଯାହା (କ) ଏଜେନ୍ସିଗୁଡ଼ିକ ଦ୍ୱାରା ଦିଆଯାଇଥିବା ଗୁଣାତ୍ମକ ନିଶ୍ଚିତତା ରିପୋର୍ଟ ଏବଂ (ଖ) ସେମାନଙ୍କର ନିଜସ୍ୱ ବୈଷୟିକ କର୍ମଚାରୀଙ୍କ ରିପୋର୍ଟ ଆଧାରରେ ମିଶନର ବିଭିନ୍ନ ଉପାଦାନ ଅଧିନରେ ପଦକ୍ଷେପ ଗ୍ରହଣ କରିବାର ଥିଲା ।

ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକରେ, ତୃତୀୟ ପକ୍ଷ ଗୁଣାତ୍ମକ ମନିଟରିଂ ରିପୋର୍ଟରୁ ଜଣାଗଲା ଯେ , ନିର୍ମାଣରେ ବ୍ୟବହୃତ ସାମଗ୍ରୀ ଗୁଡ଼ିକ ଗୃହ ନିର୍ମାଣ ପାଇଁ ପରୀକ୍ଷା କରାଯାଇ ନାହିଁ, ତେଣୁ ବ୍ୟବହୃତ ସାମଗ୍ରୀର ଉପାଦେୟତାର ସୁନିଶ୍ଚିତତା କରାଯାଇ ନାହିଁ । ଅଧିକନ୍ତୁ, ମୌଳିକ ଭିତ୍ତିଭୂମିର ସୁନିଶ୍ଚିତ ଓ ଉପଲବ୍ଧତା ଯଥା: ଜଳ ଯୋଗାଣ, ସେବରେଜ୍, ଡ୍ରେନେଜ୍, ରାସ୍ତା ଇତ୍ୟାଦି, ଦୃତୀୟ ପକ୍ଷ ଏଜେନ୍ସି ଦ୍ୱାରା ଦେଖାଯାଇ ନଥିଲା ଯାହା ଡିପିକ୍ୟୁଏମ୍ଏ ରିପୋର୍ଟରୁ ସ୍ପଷ୍ଟ ହୋଇଛି ।

***ସୁପାରିଶ:***

***8. ୟୁଏଲ୍‌ବି ଗୁଡ଼ିକ ସେମାନଙ୍କର ମନିଟରିଂ କୌଶଳକୁ ମଜ୍‌ବୁତ୍ କରିବା ପାଇଁ ପଦକ୍ଷେପ ନେବେ, ଯାହା ଫଳରେ (କ) ସେମାନଙ୍କୁ ଦିଆଯାଇଥିବା ପାଣ୍ଠିର ଉପଯୁକ୍ତ ଉପଯୋଗ ଏବଂ (ଖ) ଯୋଜନା ଆଧାରରେ ଘରଗୁଡ଼ିକର ଠିକ୍ ସମୟରେ ସମାପ୍ତ ହେବାର କାର୍ଯ୍ୟ ସମାପନ ହେବା ।***

## *6.7 ଅଡିଟ୍ ଅନୁଚ୍ଛେଦ*

### *6.7.1 କଟକ ମହାନଗର ନିଗମ ଦ୍ୱାରା ସଂଶୋଧିତ ଭଡ଼ା ଶୁଳ୍କ ଆଦାୟ କରାଯାଉନଥିବାରୁ 2.73 କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି*

ଓଡ଼ିଶା ମହାନଗର ନିଗମ (ଓଏମ୍‌ସି) ଆଇନ୍,2003 ର ଧାରା 194(b) (iii), 9(1)(vi) ଏବଂ 29 ରେ ଉଲ୍ଲେଖ ରହିଛି ଯେ, (i) ବେସରକାରୀ ବଜାର ପାଇଁ ବ୍ୟବହୃତ ହେଉଥିବା ପରିସରର ଲାଇସେନ୍ସ ପାଇଁଫି ଆଦାୟ କରିବାର କ୍ଷମତା ନିଗମର, (ii) ଲାଇସେନ୍ସ ଏବଂ ଅପିଲ୍ ସମ୍ବନ୍ଧୀୟ ମାମଲାଗୁଡ଼ିକର ତଦାରଖ ପାଇଁ ନିଗମର ଏକ ଷ୍ଟାଣ୍ଡିଂ କମିଟି ରହିବ ଏବଂ (iii) ନିଗମରେ ଥିବା କ୍ଷମତା, କର୍ତ୍ତବ୍ୟ ଏବଂ କାର୍ଯ୍ୟ ଷ୍ଟାଣ୍ଡିଂ କମିଟିର ଅନୁମୋଦନ କ୍ରମେ କମିଶନର କିମ୍ବା ନିଗମର ଅନ୍ୟ କୌଣସି ମନୋନିତ ଅଧିକାରଙ୍କ ଦ୍ୱାରା ପରିଚାଳିତ ହେବ ।

ସମୀକ୍ଷାରୁ ଜଣାଗଲା ଯେ କଟକ ମହାନଗର ନିଗମ (ସିଏମ୍‌ସି) ର ଲାଇସେନ୍ସ ଏବଂ ଅପିଲ୍ ଷ୍ଟାଣ୍ଡିଂ କମିଟି ଏହାର 44 ତମ ବୈଠକ ( 2 ଅଗଷ୍ଟ 2018)ରେ ମହାନଗର ନିଗମ ଦ୍ୱାରା ଆବଣ୍ଟିତ ବଜାର କମ୍ପ୍ଲେକ୍ସଗୁଡ଼ିକ ପାଇଁ ଭଡ଼ା ଶୁଳ୍କକୁ ସଂଶୋଧନ କରି ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହାପରେ 28 ସେପ୍ଟେମ୍ବର 2018 ରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଏହି ସୁପାରିଶକୁ ଅନୁମୋଦନ କରାଯାଇଥିଲା । ସେହି ଅନୁଯାୟୀ, 21 ଟି ସ୍ଥାନୀୟ ଅଞ୍ଚଳର ମାର୍କେଟ କମ୍ପ୍ଲେକ୍ସରେ ଥିବା 763ଟି ଦୋକାନ ପାଇଁ ପୁରୁଣା ହାରରେ ଭଡ଼ା ଦିଆଯାଇଥିବା ଦୋକାନ ଗୁଡ଼ିକ (ମାସିକ 40 ଟଙ୍କାରୁ 6,991 ଟଙ୍କା ମଧ୍ୟରେ) ନୂତନ ହାରରେ (ମାସିକ 1,299 ଟଙ୍କା ରୁ 16,200 ମଧ୍ୟରେ) ଭଡ଼ା ଦେବା ପାଇଁ ସଂଶୋଧିତ କରାଯାଇଥିଲା । ସଂଶୋଧିତ ଦରକୁ ଷ୍ଟାଣ୍ଡିଂ କମିଟି ଏବଂ ସାଧାରଣ ପରିଷଦ ଅନୁମୋଦନ କରିବା ସହ କାର୍ଯ୍ୟ କରିବା ପାଇଁ 05 ଅକ୍ଟୋବର 2018 ରେ ସିଏମ୍‌ସି କମିଶନରଙ୍କୁ ଅବଗତ କରାଯାଇଥିଲା ।

ଆର୍ଥିକ ବର୍ଷ 2019-20 ଏବଂ 2020-21 ପାଇଁ ଚାହିଦା/ ଦାବୀ, ସଂଗ୍ରହ ଏବଂ ସନ୍ତୁଳନ (ଡିସିବି) ରେଜିଷ୍ଟର ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ରେକର୍ଡଗୁଡ଼ିକର ସମୀକ୍ଷାରୁ ଜଣାପଡ଼ିଛି ଯେ ସଂଶୋଧିତ ଭଡ଼ା ଆଦାୟ କରିବା ପରିବର୍ତ୍ତେ ଡେପୁଟି କମିଶନର (ସିଏମ୍‌ସି) ପୁରୁଣା ହାରରେ ଭଡ଼ା ସଂଗ୍ରହ ଜାରି ରଖିଥିଲେ । ତଦନୁସାରେ, 2019-20 ଏବଂ 2020-21 ଆର୍ଥିକ ବର୍ଷ ପାଇଁ ସଂଶୋଧିତ ହାରରେ 3.32 କୋଟି ଟଙ୍କାର ଭଡ଼ା ଆଦାୟ କରିବା ପାଇଁ ଥିବା ବେଳେ ମହାନଗର ନିଗମ ଏହି ଦୋକାନଗୁଡ଼ିକରୁ କେବଳ 0.59 କୋଟି ଟଙ୍କା ସଂଗ୍ରହ କରିଥିଲେ, ଯାହାଫଳରେ ନିର୍ଦ୍ଧାରିତ ହାର ଠାରୁ 2.73 କୋଟି ଟଙ୍କା କମ୍ ଆଦାୟ ହୋଇଥିଲା ଯାହା ପରିଶିଷ୍ଟ 6.1 ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

ଡେପୁଟି କମିଶନର (ସିଏମ୍‌ସି) (06 ଡିସେମ୍ବର 2021) କହଛନ୍ତି ଯେ ସଂଶୋଧିତ/ ବକେୟା ଭଡ଼ା ଆଦାୟ ପାଇଁ ପଦକ୍ଷେପ ନିଆଯିବ । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ଚାରି ବର୍ଷ ବିତିଯାଇଥିଲେ ମଧ୍ୟ ଷ୍ଟାଣ୍ଡିଂ କମିଟି/ ସାଧାରଣ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ ନହେବା ପାଇଁ କୌଣସି ଯଥାର୍ଥତା ପ୍ରଦାନ କରାଯାଇ ନାହିଁ । ଯାହାଫଳରେ, ସିଏମ୍‌ସିର ରାଜସ୍ୱ କ୍ଷତି ହୋଇଥିଲା ।

### *6.7.2 ଅସଫଳ ବ୍ୟୟ*

**ବିଏମ୍‌ସି ଏବଂ ବିଡିଏ ମଧ୍ୟରେ ସମନ୍ୱୟର ଅଭାବ ହେତୁ 4.98 କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ଡ୍ରେନର ପାର୍ଶ୍ୱ ସଂଯୋଗୀକରଣରେ ବ୍ୟାହତ ହୋଇଥିଲା । ଯାହାଫଳରେ, ପ୍ରବଳ ବର୍ଷା ସମୟରେ ବର୍ଷା ଜଳରାଶି ପ୍ରବାହ ଏବଂ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଥିଲା ।**

ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତା (ଓପିଡବ୍ଲୁଡି କୋଡ) ଅନୁଚ୍ଛେଦ 3.7.4 ଅନୁଯାୟୀ, ଯେଉଁ ଜମିକୁ ବିଧିବଦ୍ଧ ଭାବେ ନିର୍ମାଣ ବିଭାଗକୁ ଦିଆଯାଇ ନାହିଁ, ଜଣେ ଦାୟିତ୍ୱବାନ୍ ସରକାରୀ ଅଧିକାରୀ (ଜମି ହସ୍ତାନ୍ତର ନ କରିବା ପର୍ଯ୍ୟନ୍ତ) ସଂପୃକ୍ତ ସ୍ଥାନରେ କୌଣସି କାର୍ଯ୍ୟ କରିବା ଉଚିତ୍ ନୁହେଁ । ଓପିଡବ୍ଲୁଡି କୋଡରେ ଏହା ମଧ ଉଲ୍ଲେଖ ରହିଛି ଯେ, ଇଞ୍ଜିନିୟର କିମ୍ବା ଠିକାଦାର କାର୍ଯ୍ୟ ସମ୍ପାଦନରେ ସମସ୍ୟା କିମ୍ବା ପ୍ରତିବନ୍ଧକ ବିଷୟରେ ଆଲୋଚନା କରିବା ପାଇଁ ଠିକା ପରିଚାଳନା ବୈଠକ ଆବଶ୍ୟକତା କରିପାରେ, ସେଗୁଡ଼ିକ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧିନରେ ଥିବା ଭୁବନେଶ୍ୱର ସହରର ଡ୍ରେନ୍ ନମ୍ବର 1ସି, ଓଡ଼ିଶା ଦୁଗ୍ଧ ଫେଡେରେସନ୍ ( ଓଏମ୍‌ଏଫ୍‌ଇଡି) କାରଖାନା ଠାରୁ ଆରମ୍ଭ କରି ୱାର୍ଡ ସଂଖ୍ୟା 9 ଡମଣା ଗ୍ରାମର ମୁଖ୍ୟ ଡ୍ରେନ୍ ସଂଖ୍ୟା 1 ପର୍ଯ୍ୟନ୍ତ ଏକ ପ୍ରାକୃତିକ ଡ୍ରେନ୍ ଅଟେ । ଉପରୋକ୍ତ ବିଷୟ ବସ୍ତୁ ଅନୁଯାୟୀ, ଡ୍ରେନଟି ପ୍ରାକୃତିକ ଭାବରେ ପ୍ରବାହିତ ହେଉଥିଲା । କିନ୍ତୁ, ସହରୀକରଣ, ନିର୍ମାଣ ଇତ୍ୟାଦି କାର୍ଯ୍ୟ କାରଣରୁ ଏହାର ପ୍ରାକୃତିକ ପ୍ରବାହ ବାଧାପ୍ରାପ୍ତ ହୋଇଥିଲା । ଫଳସ୍ୱରୂପ, ସଂଲଗ୍ନ ଅଞ୍ଚଳରେ ବିଶେଷ ଭାବରେ ପ୍ରବଳ ବର୍ଷା ସମୟରେ ଜଳ ନିଷ୍କାସନ ହେବାରେ ବ୍ୟାଘାତ ହେଉଥିଲା ଏବଂ ବର୍ଷା ଜଳ ଜମି ରହୁଥିଲା ।

*ଫଟୋଚିତ୍ର ସଂଖ୍ୟା- 6.11*




ୱାର୍ଡ ସଂଖ୍ୟା 9 ରେ ଥିବା ଚନ୍ଦ୍ରଶେଖରପୁରର ପୋଖରୀପଡ଼ ଗ୍ରାମ ବିକାଶ ସଂଘ ଏବଂ ଚନ୍ଦ୍ରବିହାରର ଅଧିବାସୀମାନଙ୍କ ଠାରୁ ପ୍ରାପ୍ତ ଆବେଦନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଏମ୍‌ସି (ଜାନୁଆରୀ 2019) ଡ୍ରେନ୍‌ର[105] ଉନ୍ନତି ତଥା ଜଳ ନିଷ୍କାସନ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ ।

ତଦନୁସାରେ ସହରୀ ଯନ୍ତ୍ରୀ, ବିଏମ୍‌ସି ଡ୍ରେନର ଉନ୍ନତି ପାଇଁ (ସିମେଣ୍ଟ କଂକ୍ରିଟ ଏବଂ କଲଭର୍ଟର ନିର୍ମାଣ) ନିର୍ମାଣ କାର୍ଯ୍ୟର ଅନୁମତି ଦେଇଥିଲେ ଯାହା ନିମ୍ନଲିଖିତ ଭାବରେ କାର୍ଯ୍ୟକାରୀ କରାଯାଇଥିଲା:

(i) ଓଏମ୍‌ଏଫ୍‌ଇଡି କାରଖାନା ଠାରୁ ଆରମ୍ଭ କରି ରାଧାକୃଷ୍ଣ ନଗର ଡ୍ରେନ୍ ପର୍ଯ୍ୟନ୍ତ କଲଭର୍ଟ ସହିତ 930 ମିଟର ଡ୍ରେନ୍ ନିର୍ମାଣକୁ ଅନୁମତି ଦିଆଯାଇଥିଲା (ଜାନୁଆରୀ 2019) । ଯାହା 3.81 କୋଟି ଟଙ୍କା ମୂଲ୍ୟରେ ଚୁକ୍ତିନାମା (ସେପ୍ଟେମ୍ବର 2019) କରି ମାର୍ଚ୍ଚ 2020 ସୁଦ୍ଧା ସଂପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଏହି କାର୍ଯ୍ୟ ସେପ୍ଟେମ୍ବର 2021 ରେ 3.47 କୋଟି ଟଙ୍କା ଖର୍ଚ୍ଚ ହୋଇ ସମାପ୍ତ ହୋଇଥିଲା ।

[105] ନିରାପତ୍ତାକୁ ଲକ୍ଷ୍ୟ ରଖି ଡ୍ରେନେଜ୍ ଢାଞ୍ଚାରେ ପରିବର୍ତ୍ତନ, ସମସ୍ୟାର ସମାଧାନ, କ୍ଷମତା ବୃଦ୍ଧି କିମ୍ବା ଜଳ ପ୍ରବାହ କିମ୍ବା ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରିବା ।

(ii) ରାଧାକୃଷ୍ଣ ନଗର ଠାରୁ ମୁଖ୍ୟ ଡ୍ରେନ୍ ନମ୍ବର 1 ପର୍ଯ୍ୟନ୍ତ ବକ୍ସ କଲଭର୍ଟ ସହିତ 690 ମିଟର ଡ୍ରେନ୍ ନିର୍ମାଣ ପାଇଁ (ଜାନୁଆରୀ 2019) 3.05 କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ଏହାକୁ 2.79 କୋଟି ଟଙ୍କା ମୂଲ୍ୟରେ ଚୁକ୍ତିନାମା ମଇ 2020 କରି କାର୍ଯ୍ୟାଦେଶ ଦିଆଯାଇଥିଲା ଯାହା ନଭେମ୍ବର 2020 ସୁଦ୍ଧା ସମାପ୍ତ ହେବା ପାଇଁ ଧାର୍ଯ୍ୟ କରାଯାଇଥିଲା ।

କାର୍ଯ୍ୟ (ii) ସମ୍ବନ୍ଧରେ ରେକର୍ଡ ଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ ସେପ୍ଟେମ୍ବର 2021 ସୁଦ୍ଧା ମୋଟ 690 ମିଟର ଦୈର୍ଘ୍ୟ ଡ୍ରେନ୍ ମଧ୍ୟରୁ 590 ମିଟର (ଆନୁମାନିକ) କାର୍ଯ୍ୟ 1.51 କୋଟି ଟଙ୍କା ଖର୍ଚ୍ଚ ହେବା ପରେ ସମାପ୍ତ ହୋଇଛି । ତଥାପି, ଅବଶିଷ୍ଟ 100 ମିଟର ଡ୍ରେନର କାର୍ଯ୍ୟକାରିତା ନିର୍ବାହ କରିବା ପାଇଁ କାର୍ଯ୍ୟ ନିର୍ବାହୀ ଏଜେନ୍ସୀ ଅସମର୍ଥ ଥିଲେ । କାରଣ ଏ ରାସ୍ତାରେ ଏକ ବକ୍ସ କଲଭର୍ଟ ନିର୍ମାଣ ଦ୍ୱାରା ଡମଣା କେଳୁଚରଣ ପାର୍କ ରୋଡ୍ (ଡମଣା ହାଇସ୍କୁଲ ଛକ ନିକଟରେ) ଅତିକ୍ରମ କରି ଡ୍ରେନର ଏହି ଅଂଶ ଡ୍ରେନର ଅବଶିଷ୍ଟ ଅଂଶକୁ ସଂଯୋଗ କରିବାର ଆବଶ୍ୟକତା ଥିଲା କିନ୍ତୁ ଏହି ଅଂଶ ଭୁବନେଶ୍ୱର ବିକାଶ ପ୍ରାଧିକରଣ (ବିଡିଏ) ଅଧିନରେ ଥିବାରୁ କାର୍ଯ୍ୟ ସମାପନ ହୋଇପାରି ନଥିଲା । ବିଏମ୍‌ସି ଏହି ଡ୍ରେନ୍ ନିର୍ମାଣ ପାଇଁ ବିଡିଏଙ୍କୁ ବାରମ୍ବାର ଚିଠି[106] ମାଧ୍ୟମରେ ଅନୁମତି ମାଗିଥିଲେ ମଧ୍ୟ ଅଡିଟ୍ ତାରିଖ (ନଭେମ୍ବର ଓ ଡିସେମ୍ବର 2021) ପର୍ଯ୍ୟନ୍ତ ବିଡିଏ ନିର୍ମାଣ ପାଇଁ ଅନୁମତି ଦେଇନଥିଲେ । ଅଧିକନ୍ତୁ, ଦୁଇ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଗୃହ ଏବଂ ସହର ବିକାଶ ବିଭାଗ ଓଡ଼ିଶା ସରକାରଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ପ୍ରଭାବଶାଳୀ ଭାବରେ ଏହି କାର୍ଯ୍ୟ ସମ୍ପାଦନ ପାଇଁ କାର୍ଯ୍ୟ ବିଧି ଗ୍ରହଣ କରାଯିବାର ନଜିର ରେକର୍ଡରେ ଦେଖାଯାଇ ନଥିଲା ।

*ଫଟୋଚିତ୍ର ସଂଖ୍ୟା- 6.12*




ଏହିପରି, 690 ମିଟର ଡ୍ରେନ ନିର୍ମାଣର ଅବଶିଷ୍ଟ କାର୍ଯ୍ୟ ସମାପ୍ତ ହୋଇପାରିଲା ନାହିଁ ଏବଂ ପ୍ରବଳ ବର୍ଷା ସମୟରେ ସଂଲଗ୍ନ ଅଞ୍ଚଳରେ ଜଳସ୍ତର/ ଉଚ୍ଚ ନିଷ୍କାସନ ସମସ୍ୟା ସମାଧାନ ହୋଇପାରି ନଥିଲା ଯାହା ପ୍ରକଳ୍ପର ଖର୍ଚ୍ଚ ହୋଇଥିବା 4.98 କୋଟି ଟଙ୍କା ନିଷ୍ଫଳ ହୋଇଥିଲା ।

ବିଏମ୍‌ସିରୁ ଉକ୍ତ ସମୀକ୍ଷା(ଡିସେମ୍ବର 2021) ର ଉତ୍ତର ମିଳିନଥିଲା ।

### *6.7.3 ବର୍ଜ୍ୟବସ୍ତୁ ପରିବହନ ପାଇଁ ଅତିରିକ୍ତ/ ପରିହାର୍ଯ୍ୟ ଯୋଗ୍ୟ ଦେୟ*

**ଠିକାଦାରମାନଙ୍କ ଦ୍ୱାରା ସ୍ୱଳ୍ପ ମାର୍ଗର ଉପଲବ୍ଧତା ଏବଂ ବ୍ୟବହାର ସତ୍ତ୍ୱେ, କଠିନ ବର୍ଜ୍ୟବସ୍ତୁ ପରିବହନ ପାଇଁ ସିଏମ୍‌ସି ଦ୍ୱାରା ଠିକାଦର ହ୍ରାସ ନକରିବା ଫଳରେ0.76 କୋଟି ଟଙ୍କା ଅତିରିକ୍ତ/ ଅପରିହାର୍ଯ୍ୟ ଦେୟ ପ୍ରଦାନ କରାଯାଇଥିଲା ।**

ଓଡ଼ିଶା ସାଧାରଣ ଆର୍ଥିକ ନିୟମ 1971 ର ଧାରା 9 ଏବଂ 10 ଅନୁଯାୟୀ, ପ୍ରତ୍ୟେକ ଅଧିକାରୀ ସରକାରୀ ଅର୍ଥ ପରିଚାଳନା କଲାବେଳେ ଉଚ୍ଚମାନର ମାର୍ଗଦର୍ଶନ କରିବା ଉଚିତ୍ ଏବଂ ସାଧାରଣ ଅର୍ଥ ବ୍ୟୟକୁ ଦୃଷ୍ଟିରେ ରଖି ସତର୍କତା, ଚତୁରତା ଏବଂ କଠିନ ଅର୍ଥ ନୀତି ଆପଣେଇବା ଉଚିତ୍ ।

[106] ଜୁଲାଇ 2020, ଜାନୁଆରୀ 2021, ଫେବୃଆରୀ 2021, ମାର୍ଚ୍ଚ 2021, ଅଗଷ୍ଟ 2021 ଏବଂ ଅକ୍ଟୋବର 2021 ର ଚିଠି ଗୁଡ଼ିକ

ଅଡିଟ୍ ଉଲ୍ଲେଖ କରିଛି ଯେ ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ (ଏମ୍ଏସ୍ଡବ୍ଲୁ)[107] ପରିଚାଳନା ପାଇଁ କଟକ ମହାନଗର ନିଗମ (ସିଏମ୍ସି) ମେସର୍ସ ରାମକିଏନ୍‌ଭିରୋ ଇଞ୍ଜିନିୟରସ୍ ପ୍ରାଇଭେଟ୍ ଲିମିଟେଡ୍ (ଆର୍ଇଇଏଲ୍) ହାଇଦ୍ରାବାଦ ସହିତ ଚୁକ୍ତି କରିଥିଲେ (ମାର୍ଚ୍ଚ 2011) ଯାହାର ଅବଧି ଅପ୍ରେଲ 2011 ରୁ ମାର୍ଚ୍ଚ 2018 ପର୍ଯ୍ୟନ୍ତ ଥିଲା । ସେହିପରି, (ମାର୍ଚ୍ଚ 2018) ଅପ୍ରେଲ 2018 ଠାରୁ ମେସର୍ସ ବିବିଜି ମେଟାଲ୍ ସିଣ୍ଡିକେଟ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ କଠିନ ବର୍ଜ୍ୟବସ୍ତୁ (ଏମ୍ଏସ୍ଡବ୍ଲୁ) ପରିଚାଳନା ପାଇଁ ଚୁକ୍ତି କରିଥିଲେ । ଚୁକ୍ତିନାମାର ସାଧାରଣ ସର୍ତ୍ତଗୁଡ଼ିକର ଧାରା 12.1 ର ଅଂଶ ଡି(ବି) ଅନୁଯାୟୀ ଟ୍ରାନ୍ସଫର ଷ୍ଟେସନ ଠାରୁ (ସତୀ ଚଉରା ଠାରେ) ଲ୍ୟାଣ୍ଡ ଫିଲ୍ ସାଇଟ୍ / ଡମ୍ପ ସାଇଟ୍ (ଚକ୍ରଧରପୁର ପର୍ଯ୍ୟନ୍ତ) ଏମ୍ଏସ୍ଡବ୍ଲୁ ପରିବହନ ପାଇଁ ଠିକାଦାରଙ୍କୁ ପ୍ରତି ଟନ୍ ପ୍ରତିଦିନ 153 ଟଙ୍କା ହାରରେ ଅର୍ଥ ପ୍ରଦାନ କରାଯାଉଥିଲା । ଆହୁରି ମଧ୍ୟ, ଜନସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଦ୍ୱାରା ନିଷ୍ପତ୍ତି (ଅକ୍ଟୋବର 2017) ନିଆଯାଇଥିଲା ଯେ ପ୍ରତି ବର୍ଷ ମଇ ମାସ ଠାରୁ ପରିବହନ ଦେୟର ହାର ବାର୍ଷିକ ପାଞ୍ଚ ପ୍ରତିଶତ ବୃଦ୍ଧି କରାଯିବ ଯାହା ମଇ 2018 ଠାରୁ କାର୍ଯ୍ୟକାରୀ ହୋଇଥିଲା ।

ଅଡିଟ୍ ଏହା ମଧ୍ୟ ଦେଖିଲେ ଯେ ଚୁକ୍ତି କରିବା ସମୟରେ (ମାର୍ଚ୍ଚ 2011) ସ୍ଥାନାନ୍ତର ଷ୍ଟେସନ୍ (ସତୀଚଉରା ଠାରେ) ଲ୍ୟାଣ୍ଡ ଫିଲ୍ ସାଇଟ୍ / ଡମ୍ପ ସାଇଟ୍ (ଚକ୍ରଧରପୁରରେ) ମଧ୍ୟରେ ଦୂରତା ନରାଜ ସେତୁ ଦେଇ 19.3 କିଲୋମିଟର (ଧୂସର ରଙ୍ଗର ମାର୍ଗ ନିମ୍ନ ମାନ ଚିତ୍ରରେ) ଥିଲା । ଜୁଲାଇ 2017 ରେ ନେତାଜୀ ସେତୁ (ତ୍ରିଶୁଳିଆ ନିକଟରେ) ର ଉଦ୍‌ଘାଟନ ପରେ ଏହାର ଦୂରତା 16 କିଲୋମିଟରକୁ ହ୍ରାସ ପାଇଲା (ନୀଳ ରଙ୍ଗର ମାର୍ଗ ନିମ୍ନ ଫଟୋଚିତ୍ର ସଂଖ୍ୟା 6.13 ରେ) ।

***ଫଟୋଚିତ୍ର ସଂଖ୍ୟା 6.13***




ରେକର୍ଡ ଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ, ଟ୍ରାନ୍ସଫର ଷ୍ଟେସନ ଏବଂ ଲ୍ୟାଣ୍ଡ ଫିଲ୍ ସାଇଟ୍ / ଡମ୍ପ ସାଇଟ୍ ମଧ୍ୟରେ ଦୂରତା 3.3 କିମି କୁ (ଜୁଲାଇ 2017 ପରଠାରୁ) ହ୍ରାସ ହେବା ସହ ପରିବହନ ଶୁଳ୍କ (ଅକ୍ଟୋବର 2017) ରେ ବାର୍ଷିକ ପାଞ୍ଚ ପ୍ରତିଶତ ବୃଦ୍ଧି ମଇ 2018 ଠାରୁ କାର୍ଯ୍ୟକାରୀ ହୋଇଥିଲା । କିନ୍ତୁ, ଏମ୍ଏସ୍ଡବ୍ଲୁ ପରିବହନ ଚୁକ୍ତିର ମୂଳଲକ୍ଷ୍ୟ (2011) ହ୍ରାସ କରିବାରେ ସିଏମ୍ସି ବିଫଳ ହୋଇଥିଲା । ଯେହେତୁ ଚୁକ୍ତିନାମା ଅନୁଯାୟୀ, ସେହିପରି କୌଣସି ସର୍ତ୍ତ ଧାର୍ଯ୍ୟ କରାଯାଇ ନଥିଲା ଏବଂ କଠିନ ବର୍ଜ୍ୟବସ୍ତୁ (ଏମ୍ଏସ୍ଡବ୍ଲୁ) ପରିଚାଳନା ପାଇଁ ନରାଜ୍ ସେତୁ ଦେଇ କେବଳ ଲମ୍ବା ମାର୍ଗ ଉପଲବ୍ଧ ଥିବା ବେଳେ ଚୁକ୍ତିନାମା କରାଯାଇଥିଲା । ସାନିଟାରୀ ସୁପରଭାଇଜର ସିଏମ୍ସି ସହିତ ଅଡିଟ୍ ଦ୍ୱାରା ମିଳିତ ପ୍ରତ୍ୟକ୍ଷ ଯାଞ୍ଚ ସମୟରେ (ଫେବୃଆରୀ 2022) ଜଣାଯାଏ ଯେ, ଠିକାଦାରମାନେ

[107] ଘର ରୁ ଘର ସଂଗ୍ରହ, ସଂରକ୍ଷଣ, ପରିବହନ, ମାନୁଆଲ ଏବଂ ଯାନ୍ତ୍ରିକ ପରିଷ୍କାର, ସ୍ଥାନାନ୍ତର ଷ୍ଟେସନ୍ ନିର୍ମାଣ ମାଟି ସହିତ ଲ୍ୟାଣ୍ଡଫିଲ୍, ଆବରଣ ଏବଂ ଯାନ୍ତ୍ରିକ ଉପାୟ ଦ୍ୱାରା ସମତଳ କରିବା ।

ଟ୍ରାନ୍ସଫର ଷ୍ଟେସନରୁ ଲ୍ୟାଣ୍ଡଫିଲ୍ ସାଇଟ୍/ ଡମ୍ପ ସାଇଟ୍ ପର୍ଯ୍ୟନ୍ତ ଏମ୍ଏସ୍ଡବ୍ଲୁ ପରିବହନ ପାଇଁ ନେତାଜୀ ସେତୁ ଦେଇ କମ୍ ଦୂରତା ବିଶିଷ୍ଟ ମାର୍ଗ ବ୍ୟବହାର କରୁଥିଲେ । ଏହା ସତ୍ତ୍ୱେ, ଅଗଷ୍ଟ 2017 ଠାରୁ ସିଏମ୍ସି ଠିକାଦାରଙ୍କୁ ପ୍ରତିଦିନ ଟନ୍ ପ୍ରତି 153 ଟଙ୍କା ହାରରେ ଦେୟ ପ୍ରଦାନ ଜାରି ରଖିଥିଲେ ଏବଂ ମଇ 2018 ଠାରୁ ପ୍ରତିବର୍ଷ ପାଞ୍ଚ ପ୍ରତିଶତ ପରିବହନ ଶୁଳ୍କରେ ବୃଦ୍ଧି ଘଟାଇଥିଲେ ।

ଏହିପରି ଏମ୍ଏସ୍ଡବ୍ଲୁର ପରିବହନ ଚୁକ୍ତିର ମୂଳ ଲକ୍ଷ୍ୟ ହ୍ରାସ ନକରିବା ଦ୍ୱାରା 16 କିଲୋମିଟର କ୍ଷୁଦ୍ର ମାର୍ଗ ବ୍ୟବହାର କରୁଥିବା ସତ୍ତ୍ୱେ ସିଏମ୍ସି ଠିକାଦାରଙ୍କୁ ପ୍ରତିଦିନ ଟନ୍ ପ୍ରତି 153 ଟଙ୍କା ହାରରେ ଦେୟ ପ୍ରଦାନ କରୁଥିଲେ । ଫଳରେ ଅଗଷ୍ଟ 2017 ରୁ ଠିକାଦାରଙ୍କୁ ନଭେମ୍ବର 2021 ପର୍ଯ୍ୟନ୍ତ 261933 ମେଟ୍ରିକ୍ ଟନ୍ ଏମ୍ଏସ୍ଡବ୍ଲୁ ପରିବହନ ପାଇଁ 0.76 କୋଟି ଟଙ୍କା (***ପରିଶିଷ୍ଟ 6.2***) ଅନୁଯାୟୀ ଅତିରିକ୍ତ/ ପରିହାର ଯୋଗ୍ୟ ଦେୟ ପ୍ରଦାନ କରାଯାଇଥିଲା ।

କଟକ ମହାନଗର ନିଗମ ଠାରୁ ଏ ବାବଦରେ କୌଣସି ଉତ୍ତର ମିଳିନାହିଁ (ଜାନୁଆରୀ 2022 ସୁଦ୍ଧା) ।

### *6.7.4 କେନ୍ଦ୍ରୀୟ ଅନୁଦାନର ସ୍ଥାନାନ୍ତର/ ବିବିଧତା*

**ଭୁବନେଶ୍ୱର ମହାନଗର ନିଗମ କେନ୍ଦ୍ରିୟ ପ୍ରାୟୋଜିତ ଯୋଜନାରୁ5.02 କୋଟି ଟଙ୍କାର କେନ୍ଦ୍ରିୟ ପାଣ୍ଠିକୁ ରାଜ୍ୟ ଯୋଜନାରେ ସ୍ଥାନାନ୍ତର କରିଥିଲା ।**

ଭାରତ ସରକାର (ଜିଓଆଇ) ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବୃଦ୍ଧ ପେନ୍ସନ୍ ଯୋଜନା (ଆଇଜିଏନ୍ଓଏପିଏସ୍) ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନ୍ସନ୍ ଯୋଜନା (ଆଇଜିଏନ୍ ଡବ୍ଲୁପିଏସ୍) ସମେତ ବିଭିନ୍ନ ବର୍ଗ/ ଯୋଜନା ଅଧିନରେ ଯୋଗ୍ୟ ହିତାଧିକାରୀଙ୍କୁ କଲ୍ୟାଣକାରୀ ସହାୟତା ପ୍ରଦାନ କରିବାକୁ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଭାବରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍ଏସ୍ଏପି) ପ୍ରବର୍ତ୍ତନ (ଅଗଷ୍ଟ 1995) କରିଥିଲେ । ଏନ୍ଏସ୍ଏପି ମାର୍ଗଦର୍ଶିକା 1995 ପାରା 7 ଅନୁଯାୟୀ (କ) ଏହା ନିଶ୍ଚିତ ହେବା ଉଚିତ୍ ଯେ, କେନ୍ଦ୍ରୀୟ ସହାୟତା ରାଜ୍ୟଗୁଡ଼ିକର ନିଜସ୍ୱ ଖର୍ଚ୍ଚରେ ସାମିଲ୍ ହୋଇପାରିବ ନାହିଁ (ଖ) ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳ (ୟୁଟି) ଗୁଡ଼ିକ ଯେଉଁ ସମୟରେ ଇଚ୍ଛା ବ୍ୟକ୍ତ କରିବେ ସାଧୀନ ଭାବରେ ନିଜସ୍ୱ ସାମାଜିକ ସହାୟତାର ବିସ୍ତାର କରିପାରିବେ ।

ଓଡ଼ିଶା ସରକାର, ମଧୁବାବୁ ପେନ୍ସନ୍ ଯୋଜନା (ଏମ୍ବିପିଓ୍ୱାଇ) ନିୟମ, 2008 ରେ ଥିବା ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ଯୋଜନା ଭାବରେ ଯୋଗ୍ୟ ହିତାଧିକାରୀଙ୍କୁ କଲ୍ୟାଣକାରୀ ସହାୟତା ପ୍ରଦାନ କରିବା ପାଇଁ ମଧୁବାବୁ ପେନ୍ସନ୍ ଯୋଜନା ପ୍ରବର୍ତ୍ତନ କରିଥିଲେ ।

ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ (ବିଏମ୍ସି) ର ରେକର୍ଡଗୁଡ଼ିକ ଅନୁଧାନ କରି ନିମ୍ନୋକ୍ତ ତଥ୍ୟ ପଦାକୁ ଆସିଥିଲା :

(i) ଏନ୍ଏସ୍ଏପି ମାର୍ଗଦର୍ଶିକା, 1995 ର ସାଧାରଣ ସର୍ତ୍ତାବଳୀ ପାରା 13 (ଗ) ଅନୁଯାୟୀ କାର୍ଯ୍ୟକାରୀ ସଂସ୍ଥାକୁ ପାଣ୍ଠିର ସୁଗମ ପ୍ରବାହକୁ ସଠିକ୍ କରିବା ଏବଂ ଏନ୍ଏସଏପି ଅଧିନରେ ତୁରନ୍ତ ଲାଭ ବଣ୍ଟନ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଜିଲ୍ଲା ସ୍ତରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଉଥିବା ପାଣ୍ଠି ପାଇଁ ଜିଲ୍ଲା ସ୍ତରରେ ପୃଥକ ଖାତା ଖୋଲିବାରେ ବ୍ୟବସ୍ଥା କରିବେ । ଉପରୋକ୍ତ ସର୍ତ୍ତ ସୂଚିତ କରେ ଯେ, ଏନ୍ଏସ୍ଏପି ପାଣ୍ଠି ଅନ୍ୟ କୌଣସି ଯୋଜନାର ଆକାଉଣ୍ଟକୁ ସ୍ଥାନାନ୍ତରିତ ହେବା ଉଚିତ୍ ନୁହେଁ । ଅଡିଟ୍ ଦର୍ଶାଇଥିଲା ଯେ ଭୁବନେଶ୍ୱର ମହାନଗର ନିଗମ ସେପ୍ଟେମ୍ବର 2020 ରୁ ଜୁଲାଇ 2021 ମଧ୍ୟରେ ଚାରୋଟି କାରବାର ମଧ୍ୟରେ ଏନ୍ଏସଏପି[108] ଅଧିନରେ ଆବଣ୍ଟିତ 5.02 କୋଟି ଟଙ୍କା ଏମ୍ବିପିଓ୍ୱାଇ ଅଧିନସ୍ଥ ବ୍ୟାଙ୍କ ଆକାଉଣ୍ଟକୁ (***ପରିଶିଷ୍ଟ 6.3*** ରେ ବିସ୍ତୃତ ଭାବରେ)

[108] ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବୃଦ୍ଧ ପେନ୍ସନ୍ ଯୋଜନା( ଆଇଜିଏନ୍ଓଏପିଏସ୍) ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନ୍ସନ୍ ଯୋଜନା (ଆଇଜିଏନ୍ଡବ୍ଲୁପିଏସ୍)

ସ୍ଥାନାନ୍ତର କରିଛନ୍ତି । ଏହି କେନ୍ଦ୍ରୀୟ ପାଣ୍ଠି ସ୍ଥାନାନ୍ତର ଦ୍ୱାରା ନିର୍ଦ୍ଧାରିତ ଏନ୍ଏସ୍ଏପି ନିର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରିଥିଲା ।

(ii) ଏକ ମାସର ଦେୟ ରେକର୍ଡଗୁଡ଼ିକ ଯାଞ୍ଚରୁ ଜଣାପଡ଼ିଛି ଯେ, ବିଏମ୍ସି ବ୍ୟାଙ୍କକୁ ଏମ୍ବିପିଓ୍ୱାଇ ଆକାଉଣ୍ଟରୁ 21,199 ପେନ୍ସନ୍ ଭୋଗୀ ହିତାଧିକାରୀଙ୍କୁ ସୁବିଧା ଦେବା ପାଇଁ 1.12 କୋଟି ଟଙ୍କା ଦେୟ କରିବାକୁ ଅନୁମତି ଦେଇଥିଲେ । ଅବଶ୍ୟ ହିତାଧିକାରୀଙ୍କ ଯୋଜନାଭିତ୍ତିକ ତଥ୍ୟ ଯାହାକୁ ଏହି ଦେୟ ପ୍ରଦାନ କରାଯାଇଥିଲା, ତାହା ଅଡିଟ୍ ପାଇଁ ଉପଲବ୍ଧ କରାଗଲା ନାହିଁ । ଯାହା ଅନୁପସ୍ଥିତିରେ ଏହି ପାଣ୍ଠିର ସଠିକ୍ ଉପଯୋଗ ଜଣାପଡ଼ିଲା ନାହିଁ ।

(iii) ଆହୁରି ମଧ ଦେଖାଗଲା ଯେ ବିଏମ୍ସିର ଅଧିକାରୀମାନେ (ଡେପୁଟି କମିଶନର) କଲ୍ୟାଣକାରୀ ଏବଂ ମୁଖ୍ୟ ଅର୍ଥ ଅଧିକାରୀ) ଏନ୍ଏସଏପି ଏବଂଏମ୍ବିପିଓ୍ୱାଇ ବ୍ୟାଙ୍କ ଆକାଉଣ୍ଟରୁ 2.99 କୋଟି ଟଙ୍କା ତିନୋଟି ସ୍ୱୟଂ ଚେକ୍ (ସେଲ୍ଫ୍ ଚେକ୍) ମାଧ୍ୟମରେ ଉଠାଣ କରି କିଛି ବର୍ଗର ପେନ୍ସନ୍ ଭୋଗୀ ହିତାଧିକାରୀଙ୍କ ସୁବିଧା ବଣ୍ଟନ ପାଇଁ ନଗଦ ଆକାରରେ ଭଡ଼ା ବଣ୍ଟନ କରିଥିଲେ (ପରିଶିଷ୍ଟ 6.4 ରେ ଦର୍ଶାଯାଇଛି) । ଅତ୍ୟାବଶ୍ୟକ ରେକର୍ଡଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଚେକ୍ ମାଧ୍ୟମରେ ଉଠାଣ ହୋଇଥିବା ନଗଦ ଅର୍ଥର ବ୍ୟବହାର / ବିତରଣ ସହିତ ସଂପୃକ୍ତ ଅର୍ଥ ହଡ଼ପ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ।

ଅଡିଟ୍ ପର୍ଯ୍ୟବେକ୍ଷଣ ଗୁଡ଼ିକର ଉତ୍ତର (ଡିସେମ୍ବର 2021) କମିଶନର, ବିଏମ୍ସି ଠାରୁ ଅପେକ୍ଷା କରାଯାଇଥିଲା ।

### *6.7.5 ଜାଲିଆତି ଦେୟ*

**ୟୁଏଲ୍ବି କର୍ତ୍ତୃପକ୍ଷଙ୍କ ସଠିକ୍ ତଦନ୍ତ ଅଭାବରୁ ମୃତ ହିତାଧିକାରୀଙ୍କ ବିରୋଧରେ 2.18 ଲକ୍ଷ ଟଙ୍କାର ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଜାଲିଆତି କରାଯାଇଥିଲା ।**

ଓଡ଼ିଶା ସରକାର (ଜାନୁଆରୀ 2008) ମଧୁ ବାବୁ ପେନ୍ସନ୍ ଯୋଜନା (ଏମ୍ବିପିଓ୍ୱାଇ) ନିୟମ, 2008 ରେ ଥିବା ବ୍ୟବସ୍ଥା ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ କଲ୍ୟାଣକାରୀ ସହାୟତା ଯୋଗାଇବା ପାଇଁ ରାଜ୍ୟ ଯୋଜନା ଭାବରେ ଏମ୍ବିପିଓ୍ୱାଇକୁ ପ୍ରବର୍ତ୍ତନ କରିଥିଲେ । ଏମ୍ବିପିଓ୍ୱାଇ ନିୟମ, 2008 ର ଧାରା 16 ଏବଂ 19 ଅନୁଯାୟୀ, ୟୁଏଲ୍ବିର କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ହିତାଧିକାରୀଙ୍କ ମୃତ୍ୟୁ ଘଟଣାର ବିବୃତି ଉପ-ଜିଲ୍ଲାପାଳଙ୍କୁ ତୁରନ୍ତ ଜଣାଇବା ଆବଶ୍ୟକ । ସାଧାରଣତଃ ପ୍ରତି ବର୍ଷ ଅପ୍ରେଲର ପ୍ରଥମ ସପ୍ତାହରେ, ପେନ୍ସନ୍ଭୋଗୀଙ୍କ ବାର୍ଷିକ ଯାଞ୍ଚ ଯଥା ପେନ୍ସନ୍ଭୋଗୀଙ୍କ ଜୀବିତା ଅବସ୍ଥା ସମ୍ପର୍କରେ ଜାଣିବା ଏବଂ ସୁନିଶ୍ଚିତ କରିବା ଯେ ସେମାନେ ଯୋଗ୍ୟତାର ସମସ୍ତ ସର୍ତ୍ତ ପୂରଣ କରୁଛନ୍ତି । ଯଦି ଯାଞ୍ଚର ଫଳାଫଳ କିମ୍ବା ଅନ୍ୟଥା, ଇଓ ସନ୍ତୁଷ୍ଟ ଯେ ପେନ୍ସନ୍ଭୋଗୀ ଆଉ ଜୀବିତ ନୁହଁନ୍ତି, ଇଓ ତୁରନ୍ତ ପେନ୍ସନ୍ ବାତିଲ୍ କରିବା ପାଇଁ ଉପଜିଲ୍ଲାପାଳଙ୍କ ଅନୁମୋଦନ ପାଇଁ ଯୋଗାଯୋଗ କରିବାକୁ ବାଧ ଅଟନ୍ତି । ଆହୁରି ମଧ, ଏହି ଯୋଜନାର ଧାରା 22 ଅନୁଯାୟୀ, ପେନ୍ସନ୍ଭୋଗୀଙ୍କ ମୃତ୍ୟୁ ତାରିଖ ପରେ ପେନ୍ସନ୍ ପ୍ରଦାନ ବନ୍ଦ କରାଯିବ ।

ଦୁଇଟି ୟୁଏଲ୍ବିର ରେକର୍ଡ ଯାଞ୍ଚରୁ (ରାଇରଙ୍ଗପୁର ଏବଂ ସୋନପୁର) ଜଣାଯାଏ ଯେ ନିର୍ବାହୀଙ୍କ ଦ୍ୱାରା, ଏମ୍ବିପିଓ୍ୱାଇ ଅଧିନରେ ପେନ୍ସନ୍ ଗ୍ରହଣ କରୁଥିବା ଜୀବିତ ପେନ୍ସନ୍ ଭୋଗୀମାନଙ୍କର ନିଜକୁ ସନ୍ତୁଷ୍ଟ କରିବା ପାଇଁ କୌଣସି ବାର୍ଷିକ ଯାଞ୍ଚ କରାଯାଇନଥିଲା ।

ଅଡିଟ୍ ମୃତ୍ୟୁ ରେଜିଷ୍ଟର ଏବଂ ଆକ୍ୟୁଟାନ୍ସ ରେଜିଷ୍ଟରର ଏକ ଟେଷ୍ଟ ଚେକ୍ କରିଥିଲା ଯାହା (ନଗଦ ଆକାରରେ ପେନ୍ସନ୍ ଗ୍ରହଣ କରୁଥିବା ହିତାଧିକାରଙ୍କ ବିବରଣୀ ଧାରଣ କରିଥିବା ରେଜିଷ୍ଟର, ସ୍ୱାକ୍ଷର କିମ୍ବା ଆଙ୍ଗୁଠି ଛାପ ଆକାରରେ, ଏହିପରି ରସିଦ), ରାଇରଙ୍ଗପୁରର ଆଠଟି ୱାର୍ଡ ଏବଂ ସୋନପୁରର ତିନୋଟି ୱାର୍ଡର ଅଟେ । ଏହି ରେଜିଷ୍ଟରରୁ ଜଣାଯାଏ 25 ଜଣ ମୃତ ହିତାଧିକାରୀଙ୍କୁ ଏକ ମାସରୁ 27 ମାସ ପର୍ଯ୍ୟନ୍ତ ପେନ୍ସନ୍ ଦେୟ ପ୍ରଦାନ କରାଯାଇଥିଲା ଯାହା ଶେଷ ପେମେଣ୍ଟ ମାସରୁ ପ୍ରଦାନ କରାଯାଇଛି ବୋଲି ଜାଣିବାକୁ ମିଳିଥିଲା । ମୃତ୍ୟୁ ପଞ୍ଜୀକରଣ ଏବଂ ପରିଚିତ ରେଜିଷ୍ଟର ମଧ୍ୟରେ କ୍ରସ୍ ଯାଞ୍ଚ ସମୟରେ ଏହି 25 ଟି ମାମଲା ଦେଖିବାକୁ ମିଳିଥିଲା, ଯାହା ଏହି ୟୁଏଲ୍ବି ଗୁଡ଼ିକରେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପ୍ରଣାଳୀର ବିଫଳତାକୁ ସୂଚାଇଥିଲା ଏବଂ ଅନ୍ୟ

ହିତାଧିକାରୀଙ୍କ ଦସ୍ତଖତ କିମ୍ବା ଆଙ୍ଗୁଠି ଛାପ ବୈଧତାରୁ ମଧ୍ୟ ଜରୁରୀ ଯାଞ୍ଚ ହେବା ଆବଶ୍ୟକ ବୋଲି ଜଣାଯାଇଥିଲା ।

ଉପରୋକ୍ତରୁ ଏହା ସ୍ପଷ୍ଟ ହୋଇଛି ଯେ ପେନ୍‌ସନ୍‌ଭୋଗୀଙ୍କ ପାଇଁ ପେନ୍‌ସନ୍ ବଣ୍ଟନ ସମୟରେ ପୌରପାଳିକା କର୍ତ୍ତୃପକ୍ଷ ମୃତ୍ୟୁ ପଞ୍ଜିକରଣ ଯାଞ୍ଚ କରୁନଥିଲେ କିମ୍ବା ଦେୟ ପ୍ରଦାନକାରୀଙ୍କ ପ୍ରକୃତ ପରିଚୟ ମଧ୍ୟ ଜାଣିବାକୁ ଚାହୁଁନଥିଲେ, ଯାହାଫଳରେ ପେନ୍‌ସନର 2.18 ଲକ୍ଷ ଟଙ୍କା ଠକେଇ ହୋଇଥିଲା ।

ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ଉତ୍ତର ଦେଇଥିଲେ ଯେ (ଡିସେମ୍ବର 2020 ଏବଂ ଜାନୁଆରୀ 2021), ହିତାଧିକାରୀଙ୍କ ଯାଞ୍ଚ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତଥାପି, ପୌରପାଳିକା କର୍ତ୍ତୃପକ୍ଷଙ୍କ ଦ୍ୱାରା ଉପଯୁକ୍ତ ତତ୍ପରତାର ଅଭାବ ପାଇଁ କୌଣସି ଯଥାର୍ଥତା ଉତ୍ତର ଦିଆଯାଇ ନଥିଲା, ଯାହାଦ୍ୱାରା ଧୋକାଦାରୀ ଭୁକ୍ତାନ ହୋଇଥିଲା ।

### *6.7.6 କର୍ମଚାରୀ ଏବଂ ଏଜେନ୍ସୀମାନଙ୍କୁ 4.70 କୋଟି ଟଙ୍କାର ଅଦଳବଦଳ ଅଗ୍ରୀମ ପ୍ରଦାନ କରାଯିବା*

**ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଅନୁପସ୍ଥିତି ଓ କର୍ମଚାରୀ ଏବଂ ଏଜେନ୍ସୀମାନଙ୍କୁ ଦିଆଯାଇଥିବା ଅଗ୍ରୀମର ଅନୁଧ୍ୟାନ ନକରିବା ଫଳରେ 4.70 କୋଟି ଟଙ୍କାର ଫେରସ୍ତ କରାଯାଇ ନାହିଁ ।**

ଓଡ଼ିଶା ଟ୍ରେଜେରୀ କୋଡ (ଓଟିସି) ଭଲ୍ୟୁମ୍-1 ର ନିୟମ 509 ଏବଂ ଅର୍ଥ ବିଭାଗ ସର୍କୁଲାର ନଭେମ୍ବର 1985 ରେ ସର୍ତ୍ତ ରହିଛି ଯେ ସରକାରୀ କର୍ମଚାରୀଙ୍କୁ ଦିଆଯାଇଥିବା ଅଗ୍ରୀମ ଅର୍ଥ ରାଶି ବିତରଣର ଏକ ମାସ ମଧ୍ୟରେ ଫେରସ୍ତ ହେବା ଉଚିତ୍ । ନିୟମ 507(1)(b)(i) ରେ ମଧ୍ୟ କୁହାଯାଇଛି ଯେ ପୂର୍ବରୁ ଦିଆଯାଇଥିବା ଅଗ୍ରୀମ ଆଡ୍‌ଜଷ୍ଟମେଣ୍ଟ ପରେ ଦ୍ୱିତୀୟ ଅଗ୍ରୀମକୁ ମଞ୍ଜୁର କରାଯିବ ।

ପୁନଶ୍ଚ, ଓଟିସିର ନିୟମ 37 ନିମ୍ନରେ ଥିବା ନୋଟ୍ 9 ଅନୁଯାୟୀ, (କ) ଅଧିକାରୀମାନଙ୍କୁ ଦିଆଯାଇଥିବା ଅଗ୍ରୀମ ଏକ ରେଜିଷ୍ଟର ଅଫ୍ ଆଡଭାନ୍ସରେ ଉଲ୍ଲେଖ କରାଯିବା ଉଚିତ୍, ଯେଉଁଥିରେ ଆଡଭାନ୍ସ ରାଶି ଗ୍ରହଣ କରୁଥିବା ଅଧିକାରୀଙ୍କ ନାମ, ପଦବୀ ଏବଂ ତାରିଖ ସମ୍ବନ୍ଧରେ ସମସ୍ତ ବିଶେଷତା ଏବଂ ଅଗ୍ରୀମ ଯେଉଁ ଉଦ୍ଦେଶ୍ୟ ପାଇଁ ସେମାନଙ୍କୁ ଦିଆଯାଇଛି, ତାହା ଦର୍ଶାଯାଇଥାଏ । ଖାତା ଦାଖଲ କରିବାର ତାରିଖ, ସମୁଦାୟ ପରିମାଣର ଫେରସ୍ତ ଏବଂ ଅବଶେଷ ଫେରସ୍ତ କରାଯାଇଥିବା ଇତ୍ୟାଦି ଏବଂ (ଖ) ଅଗ୍ରୀମଗୁଡ଼ିକର ରେଜିଷ୍ଟରକୁ ବାରମ୍ବାର ସମୀକ୍ଷା କରାଯିବା ଉଚିତ୍, ଯାହା ସମୀକ୍ଷାରୁ ଜଣାଯିବ ସେସବୁ ଅଗ୍ରୀମ ବିଳମ୍ବରେ ଫେରସ୍ତ ହେବ ।

ମାର୍ଚ୍ଚ 2002 ଏବଂ ଜାନୁଆରୀ 2004 ର ଅର୍ଥ ବିଭାଗ ସର୍କୁଲାରରେ ମଧ୍ୟ ସର୍ତ୍ତ ରହିଛି ଯେ, ଏକ ବର୍ଷରୁ ଅଧିକ ସମୟ ଧରି କୌଣସି ବୈଧ କାରଣ ବିନା ଅଗ୍ରୀମ ଆଡଜଷ୍ଟମେଣ୍ଟ ନହୋଇ ରହିଲେ, ଏହା ସଂଗଠନ/ ସରକାରଙ୍କୁ କ୍ଷତି ପରି ବିବେଚନା କରାଯିବା ଉଚିତ୍ ଏବଂ ତୁରନ୍ତ ଅଗ୍ରୀମ ନେଇଥିବା ସମ୍ପୃକ୍ତ ଅଗ୍ରୀମଧାରୀ ଏବଂ ଅଗ୍ରୀମ ମଞ୍ଜୁର କରିଥିବା କର୍ତ୍ତୃପକ୍ଷଙ୍କ ଠାରୁ ଫେରସ୍ତ କରାଯିବା ଉଚିତ୍ ।

ଆଠଟି ୟୁଏଲ୍‌ବିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅଗ୍ରୀମ ରେଜିଷ୍ଟର ଏବଂ ସୂଚନା ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ମାର୍ଚ୍ଚ 2021 ସୁଦ୍ଧା (***ପରିଶିଷ୍ଟ 6.5*** ରେ ବିସ୍ତୃତ ଭାବରେ), କର୍ମଚାରୀ ଏବଂ ଅନ୍ୟାନ୍ୟ ଏଜେନ୍ସୀମାନଙ୍କୁ ପ୍ରଦାନ କରାଯାଇଥିବା 4.70 କୋଟି ଟଙ୍କାର ଅଗ୍ରୀମ ଅଣ-ଆଡଜଷ୍ଟମେଣ୍ଟ ହୋଇ ରହିଥିଲା, ମୁଖ୍ୟ ଅଗ୍ରୀମ ଗୁଡ଼ିକ, ଯାହା ଅଣ-ଆଡଜଷ୍ଟମେଣ୍ଟ ରହିଥିଲା, ***ସାରଣୀ 6.9*** ରେ ବର୍ଣ୍ଣିତ ହୋଇଛି ।

***ସାରଣୀ 6.9: କର୍ମଚାରୀ/ ଏଜେନ୍ସୀ ଦ୍ୱାରା ନିଆଯାଇଥିବା ପ୍ରମୁଖ ଅଣ-ଆଡଜଷ୍ଟମେଣ୍ଟ ଅଗ୍ରୀମ***

***(ଟଙ୍କା ଲକ୍ଷରେ)***

| କ୍ର.ସଂ. | ପୌରପାଳିକା | ଅଗ୍ରୀମର ଉଦ୍ଦେଶ୍ୟ | ଅଗ୍ରୀମର ମୂଲ୍ୟ |
|---|---|---|---|
| 1 | ସୁନ୍ଦରଗଡ଼ ପୌରାଞ୍ଚଳ | ବିଭିନ୍ନ କାର୍ଯ୍ୟ କରିବା ପାଇଁ | 2.61 |
| 2 | ସୋନପୁର ପୌରାଞ୍ଚଳ | ପୌରାଞ୍ଚଳ, ନିର୍ବାଚନ ଏବଂ ଭ୍ରମଣ ପାଇଁ ନିର୍ମାଣ | 5.97 |
| 3 | ରାଇରଙ୍ଗପୁର | କାର୍ଯ୍ୟ, ବୃକ୍ଷରୋପଣ ଇଓଙ୍କ ସହକାରୀ ବାସଗୃହ ମରାମତି ଇତ୍ୟାଦି ପାଇଁ | 2.42 |
| 4 | ବିଏମ୍‌ସି | ବାତ୍ୟା 'ଫନି' ରେ ମୁକ୍ତ ରୋଷେଇ ପାଇଁ | 58.00 |
| 5 | ସିଏମ୍‌ସି | ଆହାର ସୋସାଇଟି ପାଇଁ ଅଗ୍ରୀମ | 180.00 |

ଏହି ପ୍ରକଳ୍ପ (କଟକ ସରେଜ୍ ସ୍କିମ୍) ମେସର୍ସ ଏଲ୍ ଆଣ୍ଡ ଟି ଲିମିଟେଡ୍‌କୁ ପ୍ରକଳ୍ପ ମୂଲ୍ୟ 899.85 କୋଟି ଟଙ୍କା 18 ଫେବୃଆରୀ 2013 ଠାରୁ କାର୍ଯ୍ୟ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା ଏବଂ ଏହା 31 ଡିସେମ୍ବର 2021 ସୁଦ୍ଧା ଶେଷ ହେବାର ଥିଲା । ସେହିପରି, ମେସର୍ସ ଭିଏ ଟେକ୍ ୱାବାଗ୍ କୁ ପ୍ରକଳ୍ପ ମୂଲ୍ୟ 274.10 କୋଟି ଟଙ୍କା ଆର୍ଥିକ ବର୍ଷ 2001-02 ସୁଦ୍ଧା ଏହି ଅଗ୍ରୀମ ଗୁଡ଼ିକ ମଞ୍ଜୁର କରାଯାଇଥିଲା ଏବଂ ଫେରସ୍ତରେ ବିଳମ୍ବ ଦୁଇ ମାସରୁ 234 ମାସ ପର୍ଯ୍ୟନ୍ତ (ଅର୍ଥାତ୍ 19 ବର୍ଷରୁ ଅଧିକ) ରହିଥିଲା । ଅଧିକନ୍ତୁ, ନିୟମ ଅନୁଯାୟୀ ଅଗ୍ରୀମ ରେଜିଷ୍ଟରଗୁଡ଼ିକ ସଠିକ୍ ଭାବରେ ରକ୍ଷଣାବେକ୍ଷଣ କରାଯାଇ ନଥିଲା କିମ୍ବା ଏହି ଅଗ୍ରୀମର ଫେରସ୍ତ ପାଇଁ କୌଣସି ଦକ୍ଷ ଅଧିକାରୀଙ୍କ ଦ୍ଵାରା ସମୀକ୍ଷା କରାଯାଇ ନଥିଲା । ଅଡିଟ୍ ସୂଚାଇ ଦେଇଛି ଯେ ଏହି ଅଗ୍ରୀମର ଫେରସ୍ତ ପାଇଁ ୟୁଏଲ୍‌ବିଗୁଡ଼ିକ ଖିଲାପକାରୀ ଅଧିକାରୀ/ ଏଜେନ୍ସି ମାନଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନେଇ ନଥିଲେ ।

ତେଣୁ, ଆଭ୍ୟନ୍ତରୀଣ ନିୟନ୍ତ୍ରଣକୁ କାର୍ଯ୍ୟକାରୀ କରିବାରେ ବିଫଳତା, ଅଗ୍ରୀମର ଫେରସ୍ତର ତଦାରଖରେ ତ୍ରୁଟି ଏବଂ ଫେରସ୍ତ ସମ୍ବନ୍ଧୀୟ ନିୟମାବଳୀକୁ ପାଳନ ନକରିବା ଦ୍ଵାରା ଖିଲାପକାରୀଙ୍କ ଠାରୁ 4.70 କୋଟି ଟଙ୍କା ଅଗ୍ରୀମ ଅଣ-ଫେରସ୍ତ ରହିଥିଲା । ଅଧିକାରୀ / ଏଜେନ୍ସିମାନଙ୍କୁ ଦିଆଯାଇଥିବା ଅଗ୍ରୀମର ଅତ୍ୟଧିକ ଦୀର୍ଘ ସମୟ ପାଇଁ ଅଣ-ଫେରସ୍ତ କେବଳ ଆର୍ଥିକ ନିୟମର ଉଲ୍ଲଂଘନ ନୁହେଁ ବରଂ ଜନସାଧାରଣଙ୍କ ଅର୍ଥ ହଡ଼ପ ହେବାର ଆଶଙ୍କା ମଧ୍ୟ ରହିଥିଲା ।

ୟୁଏଲ୍‌ବି ଗୁଡ଼ିକର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉତ୍ତର ଦେଇଛନ୍ତି (ଡିସେମ୍ବର 2020 ଏବଂ ଫେବୃଆରୀ 2021) ଯେ ଅଗ୍ରୀମର ଆଦାୟ ପାଇଁ ପଦକ୍ଷେପ ନିଆଯିବ । ତଥାପି, ସେମାନେ ଆର୍ଥିକ ନିୟମ ପାଳନ ନକରିବା ପାଇଁ କୌଣସି ଯଥାର୍ଥତା ପ୍ରଦାନ କରିନାହାଁନ୍ତି ।

***ସୁପାରିଶ:***
***ଦାୟୀ ଅଧିକାରୀମାନଙ୍କ ଠାରୁ ଏହି ଅଗ୍ରୀମର ଫେରସ୍ତ ପାଇଁ ସରକାର ତୁରନ୍ତ ଉପଯୁକ୍ତ ପଦକ୍ଷେପ ନେଇପାରନ୍ତି ।***

ଭୁବନେଶ୍ୱର
ତାରିଖ 7th July 2023

**(ରାଜ କୁମାର)**
**ପ୍ରଧାନ ମହାଲେଖାକାର (ଲେଖାପରୀକ୍ଷା-I)**
**ଓଡ଼ିଶା**

ପ୍ରତିସ୍ୱାକ୍ଷରିତ

ନୂଆ ଦିଲ୍ଲୀ
ତାରିଖ 13th July 2023

**(ଗିରୀଶ ଚନ୍ଦ୍ର ମୁର୍ମୁ)**
**ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକ**